## ଚୋରି ଅଭିଯୁକ୍ତଙ୍କୁ ଅଧା ଲଣ୍ଡା କରି ବସ୍ତିରେ ବୁଲାଇଲେ

**କଟକ ଅଫିସ:** ମୋବାଇଲ ଚୋରି ଅଭିଯୋଗରେ ମର୍କତ ନଗର ପୋଲିସ ରାଜେଶ କୁମାର ସାମନ୍ତରାୟ(୩୨)ଙ୍କୁ ଗିରଫ କରିଛି। ତାଙ୍କ ଘର କୁଜଙ୍ଗ ଖମାଗଡ ଅଞ୍ଚଳରେ ହୋଇଥିବାବେଳେ ସେ କଟକ ବାଲିଘାଟ ଅଞ୍ଚଳରେ ରହୁଥିଲେ। ପୋଲିସ ସୂଚନା ମୁତାବକ, ସ୍ଥାନୀୟ ବାଇଗଣ ବସ୍ତିର ଟୁକୁନୁ ମୁଣ୍ଡାଙ୍କ ମୋବାଇଲକୁ ବୁଧବାର ରାଜେଶ ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୧୫୧/୨୧) ରୁଜୁ କରିଥିଲା। ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତଙ୍କୁ ବସ୍ତିର ଯୁବକମାନେ କାବୁ କରିଥିଲେ। ପରେ ତାଙ୍କୁ ନିସ୍ତୁକ ମାଡ ମାରିବା ସହ ଅଧା ଲଣ୍ଡା କରି ବସ୍ତିରେ ବୁଲାଇଥିଲେ। ଖବରପାଇ ପୋଲିସ ପହଞ୍ଚି ରାଜେଶଙ୍କୁ ଗିରଫ କରିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆୟକର ବିଭାଗ ପକ୍ଷରୁ ଦି ଫ୍ରିଡମ୍ ସାଇକ୍ଲୋଥନ କାର୍ଯ୍ୟକ୍ରମ, ଆୟକର ଭବନ, ବାଣୀ ବିହାର, ସକାଳ ୬ଟା। ଏହା କଟକ ଦେଇ ପୁରୀ ଯିବ।
- ଦ ୟୁନାଇଟେଡ ଟିଚର୍ସ ଆଣ୍ଡ ଏମ୍ପ୍ଲଇଜ୍ ଅସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ୟୁଟିଆ ଭବନ, କାର୍ଟ୍ଟର ନଂ. ଭିଏ-୩୬/୨, ୟୁନିଟ-୨, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ଶିକ୍ଷକ କରୋନା ପଜିଟିଭ, ଭୟରେ ଛାତ୍ରୀଛାତ୍ର

କଟକ ସଦର,୧୯।୮(ଡି.ଏନ.ଏ.): କଟକ ସଦର ବ୍ଲକ ଅଧୀନ ସିଦ୍ଧେପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠର ଜଣେ ଶିକ୍ଷକ ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଗତ ୧ ସପ୍ତାହ ଧରି ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପଢାଉଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି। ବିଦ୍ୟାପୀଠର ପ୍ରଧାନଶିକ୍ଷକ ଏ ନେଇ ଲିଖିତ ଭାବେ କଟକ ସଦର ବିଡିଓଙ୍କୁ ଜଣାଇଛନ୍ତି। ସେହିପରି କନ୍ଦରପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ଏ ସମ୍ପର୍କରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଜଣାଇଛନ୍ତି। ଖୁବ୍‌ଶୀଘ୍ର ଛାତ୍ରୀଛାତ୍ରଙ୍କ କରୋନା ପରୀକ୍ଷା ପାଇଁ ସେ ଅନୁରୋଧ କରିଛନ୍ତି।

## ବେଆଇନ କରତକଳରେ ଚଢ଼ାଉ, ଯନ୍ତ୍ରାଂଶ ଜବତ

ନିଆଳି,୧୯।୮(ଡି.ଏନ.ଏ.): ନିଆଳି ଥାନା ଅନ୍ତର୍ଗତ ସୁନେଇ ମୁହଁ ନିକଟରେ ଥିବା ଏକ ବେଆଇନ୍ କରତକଳ ଉପରେ ବନ ବିଭାଗ ଏବଂ ଭିଜିଲାନ୍ସ ପକ୍ଷରୁ ଗୁରୁବାର ମିଳିତ ଚଢାଉ କରାଯାଇଥିଲା। ସେଠାରୁ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଗୁରୁବାର ସକାଳେ ହଠାତ୍ ଏହି ଚଢଉ କରାଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଉକ୍ତ ଅଞ୍ଚଳର ଅନେକ ସ୍ଥାନରେ ବେଆଇନ ଭାବେ କରତ କଳ ଚାଲିଛି। ଏ ନେଇ ଅଭିଯୋଗ ହେଲେ ମଧ କରତ କଳ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗୁରୁବାର ହୋଇଥିବା ଏହି ଚଢାଉ ଲୋକ ଦେଖାଣିଆ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଆଲୋଚନା ହୋଇଛି।

## କାଳିଭବନ ଭାଙ୍ଗିବା ପୂର୍ବରୁ ପୁନଃ ଥଇଥାନ ଦାବି

କଟକ ଅଫିସ, ୧୯।୮ - କଟକ ଖାନ୍‌ନଗରଠାରେ ହେବାକୁ ଥିବା ନେତାଜୀ ବସ୍ ଟର୍ମିନାଲ ପାଇଁ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରକୁ ଭାଙ୍ଗି ଦିଆଯାଇଛି। ଏହି ପାଠାଗାରାରେ ଥିବା ମୂଲ୍ୟବାନ ପୁସ୍ତକ ଏବଂ ଆସବାବପତ୍ରକୁ ବେଲ୍‌ଭ୍ୟୁଠାରେ ଅବହେଳିତ ଭାବରେ ରଖାଯାଇଛି। ଏଥିଯୋଗୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର, ସାହିତ୍ୟିକ ଓ ଗବେଷକ ହଇରାଣ ହେଉଛନ୍ତି। ଏନେଇ ନୂଆ ପୃଥିବୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି, କଟକର ଏକ ପ୍ରମୁଖ କେନ୍ଦ୍ରସ୍ଥଳରେ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ନିର୍ମାଣ କରାଯାଉ, କଟକ ଲେଖକ ସହଯୋଗ ସମିତି(କାଳିଭବନ) ଭାଙ୍ଗିବା ପୂର୍ବରୁ ପୁନଃ ଥଇଥାନ ଦାବି ଓ କାଠଯୋଡ଼ି ପାର୍କ ବିକଳ୍ପ ତୁରନ୍ତ ନିର୍ମାଣ କରାଯାଉ। ଦାବିପତ୍ର ପ୍ରଦାନବେଳେ ଅନୁଷ୍ଠାନର ଆବାହକ କବି ଅକ୍ଷୟ ରାଉଳ, ସମ୍ପାଦକ ଅର୍ଜ୍ଜୁନ ଜେନା, ନାଟ୍ୟକାର ଅଭୟ ଦାସ, ଖଗେଶ୍ୱର ସେଠୀ, ସାହିତ୍ୟିକ ରଘୁନାଥ ମହାପାତ୍ର, ରାଧାମୋହନ ଦଳବେହେରା, ଗୀତିକାର ନିହାର ପ୍ରିୟାଶିଷ ଓ ପାଭେଲ୍ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ

- ଚଳିତବର୍ଷରୁ ସାମିଲ ହୋଇପାରେ 'ଭ୍ୟାଲ୍ୟୁ ଆଣ୍ଡ୍ ଏଥିକ୍ସ ଏଜୁକେଶନ'
- ଉନ୍ମୋଚିତ ହେଲା ଦୁଇଟି ପୁସ୍ତକ

କଟକ ଅଫିସ,୧୯।୮

ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ଆସିବା ପାଇଁ ଆଗ୍ରହ ସୃଷ୍ଟି ଲାଗି ପୂର୍ବପରି ସଙ୍ଗୀତ, ନୃତ୍ୟ, ଡ୍ରାମା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ଏନେଇ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯିବ। ଏଥିସହ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପାଇଁ ସରକାର ଏକ ସ୍ୱତନ୍ତ୍ର ପାଠ୍ୟକ୍ରମର ପ୍ରଚଳନ କରିବେ। ଏହାର ନାମ ରହିଛି 'ଭ୍ୟାଲ୍ୟୁ ଆଣ୍ଡ୍ ଏଥିକ୍ସ ଏଜୁକେଶନ' । ଏହାକୁ ଚଳିତବର୍ଷଠାରୁ ଏହାକୁ ସାମିଲ ପାଇଁ ଯୋଜନା ରହିଥିବା ଉଚ୍ଚ ଶିକ୍ଷା ବିଭାଗର ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି। ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଆଗମନର ଶତବାର୍ଷିକୀ ପୂର୍ତ୍ତି ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ ରହଣି ଉପଲକ୍ଷେ




ଗାନ୍ଧିଜୀଙ୍କ ଓଡିଶା ଆଗମନର ଶତବାର୍ଷିକୀ ସ୍ମୃତିସଭାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଚିବ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସଚିବ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ ଗାନ୍ଧିଜୀ, ମଧୁବାବୁଙ୍କ ପରି ଅନ୍ୟ ମହାପୁରୁଷଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ଅପପ୍ରଚାର ବନ୍ଦ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରହ୍ଲାଦ ସିଂହ ଯୋଗଦେଇ ମଧୁବାବୁଙ୍କ ଦ୍ୱାରା ମହାତ୍ମାଗାନ୍ଧୀ କିପରି ପ୍ରଭାବିତ ହୋଇଥିଲେ ସେ ବିଷୟରେ କହିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷା ଡ.ସୁରେଖା ସୁନ୍ଦରୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ 'ମଧୁବାବୁ, ମହାତ୍ମାଗାନ୍ଧୀ ଓ ଓଡିଶା ' ଓ 'ଏକ୍ସଟେନେଶନ ସର୍ଭିସ ଇନ୍ ହାଇୟର ଏଜୁକେଶନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ସଞ୍ଜିତା ମିଶ୍ର, ଡ. ଦୀପ୍ତି ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଅଧାପିକାଅଧାପକ, ଛାତ୍ରୀ ଉପସ୍ଥିତ ଥିଲେ। ନରେନ୍ଦ୍ର ନାଥ ନାୟକ ଧନ୍ୟବାଦ ଦେଇଥିଲେ।

# ସରଳା ଦେବୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱ



କାର୍ଯ୍ୟକ୍ରମରେ ପ୍ରଫେସର ସୁଲୋଚନା ଦାସଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**୩ ପ୍ରତିଭାଧାରୀ ସମ୍ମାନିତ**

କଟକ ଅଫିସ, ୧୯।୮

ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକା ସରଳା ଦେବୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱ। କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ନାରୀ ଜାଗରଣ କ୍ଷେତ୍ରରେ ସେ ଥିଲେ ଅଗ୍ରଗଣ୍ୟ ନେତ୍ରୀ। ଲବଣ ସତ୍ୟାଗ୍ରହରୁ ଆରମ୍ଭ କରି ସାମାଜିକ ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ସରଳା ଦେବୀଙ୍କ କୃତିତ୍ୱ ଅବିସ୍ମରଣୀୟ ହୋଇ ରହିଛି ବୋଲି ଜଷ୍ଟିସ୍ ଡ. ଦୁର୍ଗାପ୍ରସାଦ ଚୌଧୁରୀ କହିଛନ୍ତି। ସରଳା ଦେବୀ ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ କଟକ ସାରଳା ଭବନଠାରେ ସରଳା ଦେବୀଙ୍କ ୧୧୭ତମ ଜୟନ୍ତୀ ଉତ୍ସବକୁ ଜଷ୍ଟିସ ଚୌଧୁରୀ ଗୁରୁବାର ଉଦ୍‌ଘାଟନ କରିଥିଲେ। ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିରଞ୍ଜନ ରଥ ଓ ବିଶିଷ୍ଟ ଅତିଥି ଭାବେ କବି ସୁରେଶ ଚନ୍ଦ୍ର ନାୟକ ଯୋଗଦେଇ ସରଳା ଦେବୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାରସ୍ୱତ ସାଧିକା ପ୍ରଫେସର ସୁଲୋଚନା ଦାସଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ଏବଂ ରାଜ୍ୟ ମହିଳା କମିଶନ ଅଧକ୍ଷା ଡ. ମିନତୀ ବେହେରା ଓ ସାମାଜିକ କର୍ମୀ ମିନତୀ ଦେବତାଙ୍କୁ ସରଳା ଦେବୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେବୀ ପ୍ରସନ୍ନ ମହାପାତ୍ର, କବିତା ମହାପାତ୍ର, ଦେବାଂଶୁ ମହାପାତ୍ର ଓ ବିଜୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ଓ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର, ପୁତୁରାଙ୍କୁ ଆକ୍ରମଣ

ନିଆଳି, ୧୯।୮(ଡି.ଏନ.ଏ.)

କଟକ ଜିଲା ନିଆଳି ଥାନା ଅଧୀନ ଅଁଳୋ ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର, ତାଙ୍କ ପୁତୁରାଙ୍କୁ ଆକ୍ରମଣ ସହ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଉକ୍ତ ପଞ୍ଚାୟତର କାଳିଆଘାଇ ହାଟ ନିଲାମବେଳେ ଜିପିଓ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ପିଇଓ), ଉପଖଣ୍ଡ ପଞ୍ଚାୟତ ଅଧିକାରିଣୀ ଓ ସରପଞ୍ଚ ଉପସ୍ଥିତ ଥିଲେ। ଏହି ସମୟରେ ଅଜୟ କୁମାର ସ୍ୱାଇଁ ଓ ତାଙ୍କ ସହଯୋଗୀ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ସେଠାରେ ପହଞ୍ଚି ମହିଳା ସରପଞ୍ଚ ସ୍ନିଗ୍ଧା ମହାନ୍ତିଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ପୁତୁରା ରତିକାନ୍ତ ନାୟକଙ୍କୁ ମାଡ ମାରି ରକ୍ତାକ୍ତ କରିଥିଲେ। ଏପରି କି ପଞ୍ଚାୟତ କାର୍ଯ୍ୟାଳୟର କିଛି ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏ ନେଇ ସରପଞ୍ଚ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୨/୨୧) ରୁଜୁ କରିଛି। ଅପରପକ୍ଷେ ସରପଞ୍ଚଙ୍କ ପୁତୁରା ମାଡ ମାରିଥିବା ନେଇ ଅଜୟ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ କେସ୍ ନଂ. ୨୨୧/୨୧ ରୁଜୁ କରିଛି। ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି, ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରୀ ରହିଛି। ସୂଚନାଯୋଗ୍ୟ, ସରପଞ୍ଚଙ୍କ ସ୍ୱାମୀ ଗତବର୍ଷ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିର

ଟିଗିରିଆ, ୧୯।୮ (ଡି.ଏନ.ଏ.)

ଟିଗିରିଆ ବ୍ଲକ ନୂଆପାଟଣା ମା' ଦକ୍ଷିଣେଶ୍ୱରୀ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ପରିସରରେ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧୬ଜଣ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନ ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଭାଗୀରଥି ନନ୍ଦ ଯୋଗଦେଇଥିଲେ।

# ୨୬ ସମବାୟ ସମିତିରେ ବ୍ୟାପକ ଦୁର୍ନୀତି

**ପ୍ରଶାସନକୁ ଚାଷୀଙ୍କ ପତ୍ର, ଆନ୍ଦୋଳନ ପାଇଁ ଚେତାବନୀ**

ଆଠଗଡ଼, ୧୯।୮(ସ୍ୱ.ପ୍ର.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଠଗଡ଼ ଶାଖା ଅଧୀନ ୨୬ ସମବାୟ ସମିତିରେ ଋଣ କାରବାରରେ ବ୍ୟାପକ ଦୁର୍ନୀତି ଦର୍ଶାଇ ସାମାଜିକ କର୍ମୀ ତଥା କୃଷକ ନେତା ଅଭୟ ବାରିକ ବୁଧବାର ପ୍ରଶାସନକୁ ପତ୍ର ଦେଇଛନ୍ତି। ତୁରନ୍ତ ଋଣ ପ୍ରଦାନରେ ହୋଇଥିବା ଜାଲିଆତି, ଅର୍ଥ ତୋଷରପାତ, ଚାଷୀଙ୍କ ଋଣ ଟଙ୍କା ପ୍ରଦାନରେ ଅନିୟମିତତାର ତଦନ୍ତ କରାଯାଇ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କୃଷକ ନେତା ବାରିକ ଦାବି କରିଛନ୍ତି। ଯଦି ପଦକ୍ଷେପ ନିଆ ନ ଯାଏ ଆସନ୍ତା ୨୩ ତାରିଖଠାରୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନ, ଆଠଗଡ଼ ଆରକ୍ଷୀ ଉପାଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଚାନ୍ଦବାଲି ଛକଠାରେ କୃଷକମାନଙ୍କ ଦ୍ୱାରା ରାସ୍ତାରୋକୋ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି। ଏ ନେଇ କୃଷକ ନେତା ବାରିକ ଆଠଗଡଠାରେ ଥିବା ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି, ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ସମସ୍ତ ନିର୍ଦ୍ଦେଶକୁ ଆଠଗଡ଼ର ସମସ୍ତ ସେବା ସମବାୟ ସମିତିରେ ଉଲ୍ଲଂଘନ କରାଯାଉଛି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ପ୍ରଶାସନ ଦ୍ୱାରା ଦିଆଯାଇଥିବା ସମୟ ସୀମା ସରିଥିଲେ ମଧ ଏଯାବତ କୌଣସି ପଦକ୍ଷେପ ନିଆଯାଉନାହିଁ। ଚାଷୀ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ତୀବ୍ର କରାଯିବ। ଏଥିପାଇଁ ପ୍ରଶାସନ ଦାୟୀ ରହିବ। ଏ ସଂକ୍ରାନ୍ତରେ ଆଠଗଡ଼ ଉପଜିଲାପାଳ, ଆଇଆଇସି, ସହକାରୀ ସମବାୟ ନିବନ୍ଧକ ସମିତି ସମୂହ, ଜିଲା ସମବାୟ ନିବନ୍ଧକ, କଟକ, ୫-ଟି ସଚିବ ଓଡ଼ିଶା, ସମବାୟ ମନ୍ତ୍ରୀ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେଲ୍ ଯୋଗେ ପତ୍ର ପ୍ରେରଣ କରାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିନ୍ତାମଣି ପ୍ରଧାନ, ପ୍ରେମାନନ୍ଦ ପରିଡ଼ା, କାର୍ତ୍ତିକ ଦାସ, କୈଳାସ ଚନ୍ଦ୍ର ନାଏକ, ପବିତ୍ର ଦେହୁରୀ, ବିଧି ନାଏକ, ଭଗବାନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୈଳସେବା



@ ଜ୍ୟୋତିଶ୍ରୀ



@ ବାପୁନି



@ ଶିବୁନ




@ ଅରୁଣ



@ ସୌମ୍ୟ



କଟକ ବାରବାଟୀ ୟୁନାଇଟେଡ କ୍ଲବ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମଠାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମ।

# ଚାଷରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ମହିଳାଙ୍କ ପ୍ରୟାସ

**ମହିଳା ଚାଷୀଙ୍କ ପ୍ରେରଣା ପାଲଟିଛି ଅନନ୍ୟା ମହିଳା ବିକାଶ ସଂଘ**

ନିଶ୍ଚିନ୍ତକୋଇଲି,୧୯।୮(ସ୍ୱ.ପ୍ର.)

ପୁରୁଷମାନଙ୍କ ଭଳି ମହିଳାମାନେ ମଧ ନିଜ ପରିଶ୍ରମବଳରେ ଚାଷ କ୍ଷେତରେ ସମପାରଦର୍ଶିତା ଦେଖାଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତରେ କାର୍ଯ୍ୟ କରୁଥିବା ଅନନ୍ୟା ମହିଳା ବିକାଶ ସଂଘ ଏହି ମହିଳା ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି। ମହିଳା ସଂଘର କର୍ମକର୍ତ୍ତାମାନେ ବ୍ଲକର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କୁ ସଂଗଠିତ କରି ଚାଷ ମାଧ୍ୟମରେ ସେମାନଙ୍କୁ କିପରି ସ୍ୱାବଲମ୍ବୀ ଓ ଆର୍ଥିକ ସ୍ୱଚ୍ଛଳ କରାଯାଇପାରିବ ସେନେଇ ପ୍ରୟାସ ଜାରି ରଖିଛନ୍ତି। ପୂର୍ବରୁ ଫଳ ଓ ପନିପରିବା ଚାଷ ଉପରେ ସଂଘ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଏବେ ଧାନ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି।

ଉନ୍ନତ ମାନର ବିହନ, ଜୈବିକ ସାର ବ୍ୟବହାର କରି ଧାଡି ରୁଆ ମାଧ୍ୟମରେ କମ ଜମିରେ କିପରି ଅଧିକ ଅମଳ କରାଯାଇ ପାରିବ ସେନେଇ ମହିଳାମାନଙ୍କୁ ତାଲିମ୍ ଦିଆଯାଉଛି। ୨୦୨୨ ସୁଦ୍ଧା ମହିଳା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସଂଘ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏନେଇ ମହିଳା ଚାଷୀମାନଙ୍କୁ ଡାଲି ଜାତୀୟ ଫସଲ, ଶସ୍ୟ ଜାତୀୟ ଫସଲ ଓ ଫଳ ତଥା ପନିପରିବା ଚାଷ ପାଇଁ ବିହନ ଓ ଆନୁଷଙ୍ଗିକ ଯନ୍ତ୍ରପାତି ଆଦି ଯୋଗାଇ ଦିଆଯାଇଛି। ଅନୁଷ୍ଠାନ ପକ୍ଷରୁ ୧୨ଟି ପ୍ରଶିକ୍ଷଣ, ୧୬ଟି କ୍ଷେତ୍ର ପ୍ରଦର୍ଶନୀ ଓ ୨ଟି କର୍ମଶାଳାର ଆୟୋଜନ କରାଯାଇ କୃଷି ଓ ଉଦ୍ୟାନ ବିଭାଗର ବୈଜ୍ଞାନିକମାନଙ୍କ ସହାୟତାରେ ପ୍ରଶିକ୍ଷଣ ଦିଆଯାଇଛି। ଆଗାମୀ ଦିନରେ ବ୍ଲକର ମହିଳା ଚାଷୀଙ୍କୁ ନେଇ ଚାଷ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ମହିଳାମାନେ ଧାନକ୍ଷେତରେ ଧାଡ଼ି ରୁଆ କରୁଛନ୍ତି।

ଜଣେ ସଫଳ ମହିଳାଚାଷୀ ଭାବେ ଅନୁଷ୍ଠାନର ସଭାନେତ୍ର ରୁକ୍ମିଣୀ ନାୟକ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ନିକଟରେ ରୁକ୍ମିଣୀ ରଙ୍ଗବେରଙ୍ଗର କୋବି ଚାଷ କରି ସଫଳତା ହାସଲ କରିଥିଲେ। ଏବେ ସେ ଏହି ଚାଷର ପ୍ରଣାଳୀ ସମ୍ବନ୍ଧରେ ଗାଁର ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସେ ମଧ ଅନନ୍ୟା ମହିଳା ସଂଘ କର୍ମଶାଳା ମାଧ୍ୟମରେ ୪୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

ଚାଷୀ ମନୋରମା ନାୟକ କୁହନ୍ତି, ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଛନ୍ତି। ଅନନ୍ୟା ସଂଗଠନ ପକ୍ଷରୁ ଏବେ ମହିଳାମାନଙ୍କୁ ଯେଭଳି ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ଦିଆଯାଉଛି, ଆଗାମୀ ଦିନରେ ବ୍ଲକ ଅଞ୍ଚଳର ମହିଳାମାନେ ସଫଳ ଚାଷୀ ଭାବେ ସୁନାମ ଆଣିପାରିବେ। ସେହିପରି ଚାଷୀ ନିର୍ମଳା ନାୟକ କୁହନ୍ତି, ଚଳିତ ବର୍ଷ ମହିଳାଚାଷୀମାନେ ଭଲ ଅମଳ ପାଇଁ ଲକ୍ଷ୍ୟ ରଖିଛନ୍ତି।

କୃଷି ବୈଜ୍ଞାନିକ ଡ. ଲିପି ଦାସ କୁହନ୍ତି, କଟରପଡାରେ କାର୍ଯ୍ୟ କରୁଥିବା ଅନନ୍ୟା ମହିଳା ସଂଘ ମହିଳା ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି। ମହିଳାମାନେ ଚାଷରେ ମନ ନିବେଶ କଲେ ଅଧିକ ଉପାର୍ଜନ କରିବା ସହ ଚାଷ କ୍ଷେତର ଯତ୍ନ ଠିକ୍ ଭାବେ ନେଇପାରିବେ।

**ମୋବାଇଲ ଫୋନ୍ ଲୁଟ୍ କରି ୨ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ତପୋବନ ବସ୍ତିର ସୁଶାନ୍ତ କୁମାର ପ୍ରଧାନ ଓ ରାଜେନ୍ଦ୍ର ନାୟକ। ସେମାନଙ୍କଠାରୁ ଲୁଟ୍ ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ସ୍ଥାନୀୟ ନାକାଗେଟ୍ ଚାଳସାହିର ବିକାଶ ଭୋଳ ସମ୍ ହସ୍ପିଟାଲ ଛକ ନିକଟରେ ଚାଲି ଚାଲି ଯାଉଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଆସି ତାଙ୍କ ହାତରୁ ମୋବାଇଲ ଫୋନ୍ ଝାମ୍ପି ନେଇ ପଳାଇଥିଲେ। ବିକାଶଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୭୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ଜାତିଭିତ୍ତିକ ଜନଗଣନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

**କଟକ ଅଫିସ, ୧୯।୮:** ଦେଶରେ ଜାତିଭିତ୍ତିକ ଜନ ଗଣନା କରିବା ପାଇଁ ବିଭିନ୍ନ ଜିଲାର ଯାଦବ ମହାସଭା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ଏହି ପରିପେକ୍ଷୀରେ ଗୁରୁବାର କଟକ ଜିଲା ଯାଦବ ମହାସଭା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ୧୯୩୧ ପରଠାରୁ ଦେଶରେ ଜାତିଭିତ୍ତିକ ଜନଗଣନା ହୋଇନାହିଁ। କେଉଁ ଜାତିର ସଂଖ୍ୟାରେ କେତେ ଅଭିବୃଦ୍ଧି ଘଟିଛି ଜଣାପଡୁନାହିଁ। ସେହିପରି କେଉଁ ଜାତି ଓବିସି ଅନ୍ତର୍ଭୁକ୍ତ ହୋଇନାହାନ୍ତି, ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ଥିତିର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟ କିମ୍ବା କେନ୍ଦ୍ର ନିକଟରେ ନାହିଁ। ଏପରି କି ରାଜ୍ୟ ସରକାର ଜାତିଭିତ୍ତିକ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ଓବିସି ବର୍ଗର ଲୋକେ ବଞ୍ଚିତ ହେଉଛନ୍ତି। ଜାତି ଓ ସମାଜର ଉନ୍ନତି ପାଇଁ ତୁରନ୍ତ ଜାତିଭିତ୍ତିକ ଜନଗଣନା କରାଯିବା ଆବଶ୍ୟକ ବୋଲି ମହାସଭା ପକ୍ଷରୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ସଭାପତି ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ଯୁବ ଯାଦବ ସଭାପତି ଇଂ. ପ୍ରଦୀପ କୁମାର ବେହେରା, ଜିଲା ସମ୍ପାଦକ ଅଜୟ ବେହେରା, ଉପସଭାପତି ଗୋପାଳ ବେହେରା, ଜିଲା ଯୁବ ସଭାପତି ବିନୋଦ ବେହେରା, ଜିଲା ମହିଳା ସଭାପତି ସୁଭଦ୍ରା ଦାସ, ବିମାନ ବେହେରା, ବୁଲେଇ ବେହେରା, ଜନାର୍ଦ୍ଦନ ପରିଡା, ଜନ୍ମେଜୟ ଖିଲାର ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ବିଜେଡିର କାର୍ଯ୍ୟକର୍ତ୍ତା ବୈଠକ

**ବାଲକାଟୀ,୧୯।୮(ଡି.ଏନ୍.ଏ.):** ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଖେଇ ଆସିବାବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପଞ୍ଚାୟତ ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୟଦେବ ନିର୍ବାଚନମଣ୍ଡଳୀ ବାଲିଅନ୍ତା ବ୍ଲକସ୍ଥିତ ଗଡ଼ଶ୍ରୀରାମପୁରସ୍ଥିତ ବିଜେଡିର ଦଳୀୟ କାର୍ଯ୍ୟାଳୟରେ ଏକ କାର୍ଯ୍ୟକର୍ତ୍ତା ବୈଠକ ଆୟୋଜନ ହୋଇଯାଇଛି। ଆମ୍ବା ସଂଗଠନର ମୁଖ୍ୟ ତଥା ନେତା ଚନ୍ଦନ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଅଧକ୍ଷତା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବେଗୁନିଆ ବିଧାୟକ ଗଣେଶ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ମୋ ପରିବାର ଅଧକ୍ଷ ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଦଳେଇ, କୈଳାସ ଚନ୍ଦ୍ର ପାତ୍ର, ବାଲିଅନ୍ତା ବ୍ଲକ ଅଧକ୍ଷା ସୁଚିତ୍ରା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ସଂକଳ୍ପବଦ୍ଧ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସଭାରେ ବିଧାୟକ ଡ.ଅରବିନ୍ଦ ଢାଲୀ ଅନୁପସ୍ଥିତ ଥିଲେ। ଗତ କିଛିଦିନ ହେବ ଜୟଦେବରେ ବିଧାୟକ ଗୋଷ୍ଠୀ ଓ ଯୁବନେତା ଚନ୍ଦନ ପାତ୍ରଙ୍କ ଗୋଷ୍ଠୀ ସମାନ୍ତରାଳ ଭାବେ ଦଳୀୟ କାର୍ଯ୍ୟ କରିଆସୁଛନ୍ତି। ଫଳରେ ଜୟଦେବରେ ବିଜେଡି ଦୁଇ ଗୋଷ୍ଠୀ ହୋଇଯାଇଥିବା ଚର୍ଚ୍ଚା ହେଉଛି।

### ଟିକାକରଣ ହୋଇପାରିଲାନି, ସ୍କୁଲ୍ ସମ୍ମୁଖ ରାସ୍ତାରେ ପ୍ରତିବାଦ

**କଟକ ସଦର,୧୯।୮(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ଅରିଲୋ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର କରୋନା ଟିକାକରଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଡାକ୍ତରୀଦଳ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ଦାସ ଟିକାକରଣ ପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଡାକ୍ତରୀଦଳ ନିରାଶ ହୋଇ ଫେରିଥିଲେ। ଟିକାକରଣ ବନ୍ଦ କରାଯିବାରୁ ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶତାଧିକ ସ୍ୱେଚ୍ଛାସେବୀ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ସରକାରୀ ଡାକ୍ତରଖାନାରେ ଅସମ୍ଭାଳ ଭିଡ଼ ହେଉଥିବାରୁ ଉକ୍ତ ବିଦ୍ୟାଳୟରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଯାଇଥିଲା ବୋଲି ପ୍ରକାଶ ଗଣମାଧମକୁ କହିଛନ୍ତି। ଅପରପକ୍ଷରେ ବିଦ୍ୟାଳୟର ଏକ ବଡ଼ କୋଠରୀକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଦଖଲ କରି କୃଅନନ୍ଦ, ସିମେଣ୍ଟ, କାଠର ଛାଞ୍ଚ ଆଦି ରଖିଛନ୍ତି। ଏହି କୋଠରୀରେ ଘରୋଇ ଜିନିଷ ରଖିବା ପାଇଁ ଅନୁମତି କିଏ ଦେଲା ବୋଲି ପ୍ରଧାନଶିକ୍ଷୟିତ୍ରୀ ଦାସଙ୍କୁ ପ୍ରକାଶ ପ୍ରଶ୍ନ କରିଥିଲେ। ଦାସ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତିପତ୍ର ନ ଥିବାର ବିଦ୍ୟାଳୟରେ ଟିକାକରଣ ବନ୍ଦ କରାଗଲା। ୨ ମାସ ହେବ ଏହି ବିଦ୍ୟାଳୟକୁ ଆସିଥିବାରୁ ଘରୋଇ ଜିନିଷ ମହଜୁଦ ସମ୍ପର୍କରେ କିଛି ଜାଣିନି ବୋଲି ସଫେଇ ଦେଇଥିଲେ।

# ରାଜଧାନୀରେ ବ୍ୟାଟେରି ଚୋରି ଗ୍ୟାଙ୍ଗ୍‌ର ଆଡ୍ଡା

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ରାସ୍ତା ପାର୍ଶ୍ୱ, ଘର ଆଗରେ ରହୁଥିବା ବଡ଼ ଓ ଦାମୀ ଗାଡ଼ିରୁ ବ୍ୟାଟେରି ଚୋରି କରୁଥିଲେ। ବିଭିନ୍ନ ଜିଲାରୁ ଏସବୁ ଚୋରି ବ୍ୟାଟେରିକୁ ଭୁବନେଶ୍ୱର ଆଣି ଏକାଠି କରିବା ପରେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ। ରାଜ୍ୟରେ ସକ୍ରିୟ ରହିଥିବା ଏପରି ଏକ ଆନ୍ତଃରାଜ୍ୟ ବ୍ୟାଟେରି ଚୋରି ର୍ୟାକେଟକୁ କମିଶନରେଟ ପୋଲିସ ଠାବ କରିଛି। ଚୋରି ବ୍ୟାଟେରିକୁ ଚାଲାଣ ପାଇଁ ଗାଡ଼ିରେ ଲଦାଯାଉଥିବା ବେଳେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପୋଲିସ ଧରିଛି। ଏଥିସହ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ କୋଲକାତା ଜିଲା ମଲ୍ଲିକ ବଜାର ଥାନାଞ୍ଚଳର ମହମ୍ମଦ ଏସ୍ତ୍ୟାକ୍ (୩୫), ଦକ୍ଷିଣ ଚବିଶ ପ୍ରଗଣା ଜିଲା ଡାଇମଣ୍ଡ ହାଓଡା ଥାନା ଅଞ୍ଚଳର ମୁସାରୁଦ୍ଦିନ୍ ମୁଲ୍ଲା(୨୪), ଆକ୍ରମ ସେଖ୍(୨୪), ସେଖ୍ ସବିର୍(୩୨), ପଶ୍ଚିମ ମେଦିନପୁର ଜିଲା ବେଲ୍‌ଦା ଥାନାଞ୍ଚଳର ସୁର୍‌ଜିତ ସିଂ ସଇନି(୫୫) ଓ ଗଞ୍ଜାମ ଜିଲା ସଦର ଥାନା ଆସ୍କା ରୋଡ୍‌ର ସେଖ୍ ଜାଫର(୨୫)। ଘଟଣାସ୍ଥଳରୁ ଦୁଇଟି ଟ୍ରକ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ ସହ ସେଥିରେ ଲୋଡ୍ ଥିବା ୧୫ଶହରୁ ଊର୍ଦ୍ଧ୍ୱ ବ୍ୟାଟେରି ଜବତ ହୋଇଛି। ଏସବୁ ବ୍ୟାଟେରିର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା (ନଂ.୨୩୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

ପ୍ରାଥମିକ ତଦନ୍ତରୁ ପୋଲିସକୁ ମିଳିଥିବା ସୂଚନାନୁସାରେ, ଗଞ୍ଜାମ, ପୁରୀ, ନୟାଗଡ଼ ସମେତ ରାଜ୍ୟର କେତେକ ଜିଲାରେ ଏହି ଗ୍ୟାଙ୍ଗ୍ ସକ୍ରିୟ ରହିଛି। ଜାତୀୟ ରାଜପଥ, ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ଘର ଆଗରେ ଅଟକି ରହୁଥିବା ଗାଡ଼ିକୁ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଟାର୍ଗେଟ କରିଥାନ୍ତି। ବିଳମ୍ବିତ ରାତିରେ ସେଥିରୁ ବ୍ୟାଟେରି ଚୋରି କରିବା ପରେ ବିଭିନ୍ନ ସ୍ଥାନରେ ଲୁଚାଇ ରଖି ଭୁବନେଶ୍ୱର ଆଣି ଏକାଠି କରିଥାନ୍ତି। ସମୟ ସୁଯୋଗ ଦେଖି ପଶ୍ଚିମବଙ୍ଗକୁ ଚାଲାଣ କରି ବିପୁଳ ଅର୍ଥ ରୋଜଗାର କରନ୍ତି। ପୋଲିସ ଯାଞ୍ଚରୁ ବର୍ତ୍ତିବା ପାଇଁ ଚାଲାଣରେ ନିୟୋଜିତ ଗାଡ଼ି ଆଗରେ 'ଅନ୍ ଆର୍ମି ଡ୍ୟୁଟି' ଲେଖୁଥିଲେ। ତେବେ ବୁଧବାର ରାତି ପ୍ରାୟ ୧୨ଟାରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ବାଇକ୍ ଶୋ'ରୁମ୍ ନିକଟରେ ଟ୍ରକ ରଖି ସେଥିରେ ଚୋରି ବ୍ୟାଟେରିକୁ ଲଦୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇଥିଲା। ଏହାପରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଟ୍ରକ୍ ଓ ବ୍ୟାଟେରି ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଟିମ୍ ଘେରିଯାଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଗୋଟିଏ ଟ୍ରକ୍ ଆଗରେ ସାଦା କାଗଜରେ 'ଅନ୍ ଆର୍ମି ଡ୍ୟୁଟି ଅର୍ଜେଣ୍ଟ' ବୋଲି ଲେଖାଥିଲା। ତେବେ ଘଟଣାସ୍ଥଳରୁ କେହି ଖସି ଯାଇଥିଲେ କି, ଚୋରି ବ୍ୟାଟେରି କେଉଁଠାରେ ରଖୁଥିଲେ ଓ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।





ଗିରଫ ଅଭିଯୁକ୍ତ ଓ ଟ୍ରକ୍ ସହ ଜବତ ଚୋରା ବ୍ୟାଟେରି।

**ଆନ୍ତଃରାଜ୍ୟ ର୍ୟାକେଟ ଠାବ, ୬ ଗିରଫ**

- ୩ ଗାଡ଼ି ସହ ୧୫ଶହରୁ ଊର୍ଦ୍ଧ୍ୱ ବ୍ୟାଟେରି ଜବତ
- ଗାଡ଼ିରେ 'ଆର୍ମି ଡ୍ୟୁଟି' ଲେଖି ପଶ୍ଚିମବଙ୍ଗ ଚାଲାଣ କରୁଥିଲେ
- ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ରେ ସକ୍ରିୟ ଥିଲେ

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୯।୮(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ସିଲୁ ସାହୁ(୩୦)ଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ସନ୍ଧ୍ୟାରେ ପରିବାର ଲୋକେ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅଭିଯୋଗ ପରେ ଗୁରୁବାର ପୋଲିସ ମାମଲା (ନଂ. ୭/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ପାରିବାରିକ କଳହ କାରଣରୁ ସିଲୁ ଘରୁ ପଳାଇଥିଲେ। ପରେ ଘର ପଛପଟେ ଥିବା ଏକ ପିଜୁଳି ଗଛରେ ବେକରେ ଗାମୁଛା ବାନ୍ଧି ସିଲୁ ଝୁଲୁଥିବା ଦେଖି ଉଦ୍ଧାର କରି ଡାକ୍ତରଖାନାକୁ ନେବା ସହ ପୋଲିସକୁ ଜଣାଇଥିଲେ। ସିଲୁ ମଧୁପୁର ଗ୍ରାମରେ ଥିବା ଶ୍ରୀଶ୍ରୀ ସୀତାକାନ୍ତ ରାମଲୀଳା ସମିତିର ଜଣେ ଆଗଧାଡ଼ିର ସଦସ୍ୟ ଥିଲେ। ତାଙ୍କର ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଉର୍ଦ୍ଦୁ ଭାଷାରେ ସମସ୍ତ ପରୀକ୍ଷା କରାଯାଉ

**କଟକ ଅଫିସ,୧୯।୮**

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ଡିଇଲ୍‌ଇଡି ପରୀକ୍ଷା ଫର୍ମପୂରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ୧୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଉର୍ଦ୍ଦୁ ଛାତ୍ରୀଛାତ୍ରମାନେ କେବଳ ଉର୍ଦ୍ଦୁ ଭାଷା ବିଷୟକୁ ବାଦ୍ ଦେଇ ଅନ୍ୟ ସମସ୍ତ ବିଷୟ ପରୀକ୍ଷା ଓଡ଼ିଆରେ ଦେବା ବାଧ୍ୟତାମୂଳକ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବପରି ଉର୍ଦ୍ଦୁ ଭାଷାରେ ସମସ୍ତ ପରୀକ୍ଷା କରିବା ଦାବି ନେଇ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୋର୍ଡର ଏପରି ନିଷ୍ପତ୍ତି ଯୋଗୁ ୨୦୦ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ସମସ୍ତ ଲିଖିତ ପରୀକ୍ଷା ଉର୍ଦ୍ଦୁ ଭାଷାରେ କରିବା ପାଇଁ ବ୍ୟବସ୍ଥା ନ ହେଲେ ଆସନ୍ତା ସୋମବାରଠାରୁ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛାତ୍ରୀଛାତ୍ରମାନେ ଧାରଣାରେ ବସିବେ ବୋଲି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଆପ୍ ରାଜ୍ୟ ସଂଖ୍ୟାଲଘୁ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ, ସଂଖ୍ୟାଲଘୁ ମହିଳା ସଭାନେତ୍ରୀ ରେଶମା ଖାନମ୍, ନିୟାଜ୍ ଖାନ୍, ମିର୍ ଅବଦୁଲ ହଫିଜ୍, ସହେବାଜ କାଦ୍ରୀ, ସେକ୍ ସମସୁଲ, ଇସ୍ତିୟାକ ଅଲ୍ଲୀ, ସେକ୍ ସର୍ବର୍, କୁଲ୍‌ସୁମ ବେଗମ୍ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ସାରା ଦେଶରେ ଭାଜପା ପକ୍ଷରୁ ଆରମ୍ଭ କରାଯାଇଥିବା ଜନ ଆଶୀର୍ବାଦ ଯାତ୍ରାରେ ଗୁରୁବାର ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ରାଜ୍ୟ ନେତୃବୃନ୍ଦ ଓ ଅନ୍ୟମାନେ।

# ଭୁବନେଶ୍ୱର ଷ୍ଟେଶନ ବିକାଶକୁ ତ୍ୱରାନ୍ୱିତ କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

**ଟ୍ରେନ୍‌ରେ ଯାତ୍ରୀଙ୍କ ସହ କଥା ହେଲେ ଅଶ୍ୱିନୀ**

ଜନ ଆଶୀର୍ବାଦ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଓଡ଼ିଶା ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପୁରୀ ଗସ୍ତରୁ ଫେରିବା ପରେ ଉଭୟେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ସେଠାରେ କାର୍ଯ୍ୟକର୍ତ୍ତାମାନେ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରେ ଅଶ୍ୱିନୀ ଭୁବନେଶ୍ୱର ରେଳ ଷ୍ଟେଶନ ଯାଇ ସମୀକ୍ଷା କରିଥିଲେ। ଷ୍ଟେଶନର ପୂର୍ବପାର୍ଶ୍ୱରେ ଥିବା ମୁଖ୍ୟ ଫାଟକର ଉନ୍ନତୀକରଣ ନିମନ୍ତେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



ଏହାକୁ ଗ୍ରହଣ କରି ମନ୍ତ୍ରୀ ଅଶ୍ୱିନୀ ଖୁବ୍‌ଶୀଘ୍ର ପୂର୍ବ ପ୍ରବେଶ ଫାଟକର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ରାୟଗଡ଼ା ଗସ୍ତ କରିଥିଲେ। ଏହି ଅବସରରେ ଟ୍ରେନ୍‌ରେ ଯାଉଥିବା ଅନେକ ଯାତ୍ରୀଙ୍କ ସହ ସେ ଭାବ ବିନିମୟ କରିଥିଲେ। ଏଥିସହ ଯାତ୍ରୀଙ୍କୁ ଟ୍ରେନ୍‌ରେ ପରିଚ୍ଛନ୍ନତା ସମ୍ପର୍କରେ ପଚାରି ବୁଝିଥିଲେ। ଅଧିକାଂଶ ଯାତ୍ରୀ ଟ୍ରେନ୍ ଓ ଷ୍ଟେଶନର ପରିଚ୍ଛନ୍ନତାରେ ସନ୍ତୁଷ୍ଟ ଥିବା ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନ ସହରର ମୁଖ୍ୟ ସ୍ଥାନରେ ରହିଥିବାରୁ ଏହାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଅଶ୍ୱିନୀ କହିଛନ୍ତି।

# ରାସ୍ତା ଅବରୋଧ କରି ପାଚେରି ନିର୍ମାଣକୁ ବିରୋଧ

**ନିଶ୍ଚିନ୍ତକୋଇଲି,୧୯।୮(ସ୍ୱ.ପ୍ର.)**

**୨ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା**

**ପୋଲିସ, ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣାଧୀନ**

ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁରରେ ଏକ ବିବାଦୀୟ ଜମିରେ ପାଚେରି ନିର୍ମାଣକୁ କେନ୍ଦ୍ର କରି ୨ ସମ୍ପ୍ରଦାୟ ମଧ୍ୟରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଛି।

ନରେନ୍ଦ୍ରପୁରର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସରକାରୀ ଅନୁଦାନରେ ନିର୍ମାଣ କରାଯାଇଥିବା ରାସ୍ତାରେ ମାଟି ପକାଇ ପାଚେରି ନିର୍ମାଣ କରିବାକୁ ଉଦ୍ୟମ କରୁଥିଲା। ଏହାକୁ ଅନ୍ୟ ଏକ ସମ୍ପ୍ରଦାୟର ଲୋକେ ବିରୋଧ କରି ପ୍ରତିବାଦ କରିଥିଲେ। ଏହି ରାସ୍ତାକୁ ଅବରୋଧ କରି ପାଚେରି ନିର୍ମାଣ କରାଗଲେ ନରେନ୍ଦ୍ରପୁର ପଞ୍ଚାୟତକୁ ଆସୁଥିବା ଲୋକେ ଓ ସ୍ଥାନୀୟ ଗ୍ରାମବାସୀ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେବେ ସେମାନେ କହିଥିଲେ। ଏନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

ଖବରପାଇ କଟକ ଉପଜିଲାପାଳ ପ୍ରତାପ କୁମାର ବେହୁରା,ନିଶ୍ଚିନ୍ତକୋଇଲି ତହସିଲଦାର ଉମାକାନ୍ତ ବିଶ୍ୱାଳ, ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର, କଟକ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଜେନା, ସାଲେପୁର ଥାନା ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ମାଝି, ନେମାଳ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ନରେନ୍ଦ୍ରପୁର ଫାଣ୍ଡି ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ, ନରେନ୍ଦ୍ରପୁର ସରପଞ୍ଚ ବନବିହାରୀ ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଉଭୟ ପକ୍ଷର ମୁରବୀମାନଙ୍କୁ ଅନୁରୋଧ କରିଥିଲେ। ଏନେଇ ନରେନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଶାନ୍ତି ବୈଠକ ବସିଥିଲା। ବିବାଦୀୟ ଜମି ସରକାରୀସ୍ତରରେ ମାପଚୁପ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେତେବେଳ ପର୍ଯ୍ୟନ୍ତ ପାଚେରି ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିବ ବୋଲି ଉପଜିଲାପାଳ ବେହୁରା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପ୍ରଶାସନ ତରଫରୁ ଉକ୍ତ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିବା ପାଇଁ ସାଧାରଣରେ ଦାବି ହୋଇଛି।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**କଟକ ଅଫିସ, ୧୯।୮**

ଜାତୀୟ ସଦ୍‌ଭାବନା ଦିବସ ପାଳନ ଅବସରରେ କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶପଥ ପାଠ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଦେଶରେ ସଦ୍‌ଭାବ ଏବଂ ଭାବନାତ୍ମକ ଏକତା ନିମନ୍ତେ କାର୍ଯ୍ୟ କରିବା ସହ ନିଜ ମଧ୍ୟରେ ଥିବା ମତଭେଦକୁ ଆପୋଷ ଆଲୋଚନା, ଅହିଂସା ତଥା ସାମ୍ବିଧାନିକ ବିଧିବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ଶପଥ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ବ୍ଲକ୍ ସମ୍ମୁଖରେ ଧାରଣା ବସିଲା ସିପିଏମ୍

**ଟାଙ୍ଗୀ(କଟକ),୧୯।୮(ଡି.ଏନ୍.ଏ)**

**ଆବାସ, ଖାଦ୍ୟ ସୁରକ୍ଷା ଯୋଜନାରେ ଦୁର୍ନୀତି**

ଆବାସ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗରେ ଗୁରୁବାର ବ୍ଲକକାର୍ଯ୍ୟାଳୟସମ୍ମୁଖରେସିପିଆଇ(ଏମ୍) ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ଆବାସ ଯୋଜନାରେ ଚାଳ, ଝୁମ୍ପୁଡି ଓ କୁଡିଆ ଘରେ ମୁଣ୍ଡ ଗୁଞ୍ଜିଥିବା ଯୋଗ୍ୟ ଲୋକଙ୍କୁ ବାଦ୍ ଦିଆଯାଇ କୋଠାଘର, ସରକାରୀ ଚାକିରିଆ, ପ୍ରତିଷ୍ଠିତ ବ୍ୟବସାୟୀ ଓ ଧନିକ ନେତାଙ୍କ ନାଁ ତାଲିକାଭୁକ୍ତ କରାଯାଇଛି। ଶହ ଶହ ଆଦିବାସୀ ପରିବାର ଆବାସ ଯୋଜନା ଯୋଗ୍ୟ ତାଲିକାରେ ରହିଥିଲେ ମଧ୍ୟ ସେମାନଙ୍କ କୋଟାକୁ ବେଆଇନ ଭାବେ ସାଧାରଣ ବର୍ଗର ଅଯୋଗ୍ୟ ଲୋକଙ୍କୁ ବଣ୍ଟନ କରାଯାଉଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ପଞ୍ଚାୟତର ୧୦ରୁ ୨୦ଜଣ ହିତାଧିକାରୀଙ୍କ ନାମ କଟିଯାଇଥିବା ଦର୍ଶାଯାଇ ସେମାନଙ୍କ ଗହମ, ଚାଉଳ, କେରୋସିନ ଆଦିକୁ ଲୁଟ କରାଯାଉଛି। ଯୋଗାଣ ଅଧିକାରୀ କମ୍ପ୍ୟୁଟର ଦୋଷ ଦେଇ ଖସିଯାଉଥିବା ମଧ୍ୟ କମିଟି ଗୁରୁତର ଅଭିଯୋଗ ଆଣି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏଥିସହ ଯୋଗ୍ୟ ହିତାଧିକାରୀଙ୍କ ନାମରେ ଚିଠି ପ୍ରସ୍ତୁତ କରି ସର୍ଭେ ହେଉ। ରାଶନ କାର୍ଡ ତାଲିକାରୁ କଟିଥିବା ଯୋଗ୍ୟ ହିତାଧିକାରୀଙ୍କ ନାମକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଉ ବୋଲି କମିଟି ସମ୍ପାଦକ ବିଷ୍ଣୁ ବେହେରା କହିଛନ୍ତି। ଏହି ଧାରଣାରେ ସମିତି ସଭ୍ୟ ରମେଶ ବେହେରା, ପୂର୍ବତନ ସମିତି ସଭ୍ୟ ଉମ୍ବରୁଧର ସାହୁ, ଭଙ୍ଗିମୁଣ୍ଡା ଶାଖା ସମ୍ପାଦକ ମଳୟ ପୃଷ୍ଟି, ଶ୍ରମିକ ନେତା ରଶ୍ମି ରଞ୍ଜନ ତ୍ରିପାଠୀ, ଚୌଦ୍ୱାର ସିପିଆଇ(ଏମ) ନେତା ଜୟ ସିଂ, ଆଦିବାସୀ ନେତା ଚନ୍ଦ୍ର ମୋହନ ମାଝି, ଗଙ୍ଗା ତିରିଆ, ମୁକୁନ୍ଦ କୁଇଙ୍କେଲ, ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ନାରିନେତ୍ରୀ ମମତା ସାହୁ, ପ୍ରଭାତି ପରିଡା, ଜୟନ୍ତୀ ଗାଗରେଇ ଓ ବୁଦୁନି ସଏ ପ୍ରମୁଖ ସାମିଲ ଥିଲେ।

## ଫଟୋରେ ଖବର




କରୋନା କାଳରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଅହେତୁକ ଫି' ବୃଦ୍ଧିକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ଦୋଳନ।




ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ, ସରକାରୀ ସ୍କୁଲ୍ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଆଦି କେତେକ ଦାବି ନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ଦିଆଯାଇଥିବା ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ଜଟଣୀ,(ଡି.ଏନ୍.ଏ.): ପାତ୍ରପଡାସ୍ଥିତ ମା'ଜଟିଆଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଜଟଣୀ ଫଟୋଗ୍ରାଫର୍ସ ଗ୍ରୁପ୍ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫଟୋଗ୍ରାଫର ସଞ୍ଜୟ ସନ୍ଧିବିଗ୍ରହଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଫଟୋଗ୍ରାଫର ବ୍ରଜକିଶୋର ମହାପାତ୍ର, ନବକିଶୋର ବାରିକ, ସୀତାକାନ୍ତ ସାମନ୍ତରାୟ, ଅସିତ ପଟ୍ଟନାୟକ, ହରିହର ସ୍ୱାଇଁ, ଚିତ୍ତରଞ୍ଜନ ପରିଡା, ବିଶ୍ୱନାଥ ବେହେରା, ଦୀନେଶ ରାଓ, ରତିକାନ୍ତ ସ୍ୱାଇଁ ପ୍ରମୁଖ ଫଟୋଗ୍ରାଫିକୁ ନେଇ ନିଜର ଅନୁଭୂତି ବଖାଣି ଥିଲେ। ଗୋଟିଏ ଫଟୋ ଅନେକ ଶବ୍ଦ ସହିତ ସମାନ। ସମ୍ପୂର୍ଣ୍ଣ ଘଟଣାକୁ ଫଟୋ ମାଧ୍ୟମରେ ଉପସ୍ଥାପିତ କରିବା ଏକ କଳା। ନିଷ୍ଠାପର ଭାବେ କାର୍ଯ୍ୟ କଲେ ପେସା ଓ ନିଶା ସଫଳ ହୋଇଥାଏ।

# ଚାଷଜମି ଫାଟି ଆଁ, ଚିନ୍ତାରେ ଚାଷୀ

କୃଷ୍ଣପ୍ରସାଦ,୧୯।୮(ଡି.ଏନ୍.ଏ.)



ବର୍ଷା ଅଭାବରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କ୍ଷେତରେ ଧାନ ଫସଲ କରାଯାଇଥିଲେ ମଧ୍ୟ ପାଣି ନ ଥିବାରୁ ଫାଟି ଆଁ କରିଛି। ତୁରନ୍ତ କୃଷି ବିଭାଗ ଦୃଷ୍ଟି ଦେବା ସହ ସହାୟତା ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ସୂଚନା ମୁତାବକ, ଏହି ବ୍ଲକ ଅଞ୍ଚଳରେ କ୍ଷେତରେ ପାଣି ମଡ଼ାଇବା କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡ଼ିଛି। ଫଳରେ ଚଳିତ ବର୍ଷ କୃଷ୍ଣପ୍ରସାଦ, ମାଲୁଦ, ବଜ୍ରକୋଟ, ବୁଦ୍ଧିବର, ଖୋଲଗଞ୍ଜ, ଗୌଡସାହି, ଡିଆକୁଦା, ଅଲିପୁର, ପଥରଗଞ୍ଜ, ଗୋପକୁଦା, ସାହାବାଜପୁର, ମଲେଶ୍ୱରୀ ଆଦି ଗ୍ରାମର ଚାଷଜମି ଫାଟି ଆଁ କରିଛି। ସ୍ୱଳ୍ପ ବର୍ଷାରେ ଧାନରୁଆ ହୋଇଥିବା ବେଳେ ପାଣି ଅଭାବରୁ ଧାନ ଗଛ ପୋଡି ପାଳହେଉଛି। ଫଳରେ ଲୋକମାନେ ଧାନ କ୍ଷେତକୁ ଗୋରୁଗାଇ ଛାଡୁଥିବା ଦେଖିବାକୁ ମିଳିଛି। ବୁଦ୍ଧିବର ପଞ୍ଚାୟତର ଚାଷୀ ଭଗବାନ ବିଶ୍ୱାଳ ଏବଂ ପ୍ରବୀର ଗୌଡ କହିଛନ୍ତି, ସମସ୍ତ ଚାଷୀ ଋଣ ଆଣି ଧାନ ଫସଲ କରିଥିଲୁ। ପାଣି ଅଭାବରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ସରକାର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ନବନିର୍ମାଣ କୃଷକ ସଂଘ ସଭାପତି ପ୍ରାଣକୃଷ୍ଣ ଗୌଡ କହିଛନ୍ତି, ଚାଷୀ ଋଣ ଆଣି ଫସଲ କରିଥିଲେ ପାଣିର ଅଭାବରୁ ତାହା ଗଜା ମରୁଡି ହୋଇଛି। ଚାଷୀ ଧାନ ଜମିରେ ଗାଈ ଚରାଇଲେଣି। ତେଣୁ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ। ଏଥିସହ ସମସ୍ତ ଚାଷୀଙ୍କୁ ଚଳିବା ପାଇଁ କାମ ଯୋଗାଇ ଦିଆଯାଉ କିମ୍ବା ଏକ ବର୍ଷ ପାଇଁ ସେମାନଙ୍କ ପରିବାରକୁ ଖାଦ୍ୟ ପାଇଁ ଭତ୍ତା ଯୋଗାଇ ଦିଆଯାଉ ବୋଲି ସେ କହିଛନ୍ତି। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶ ଯେ, କୃଷ୍ଣପ୍ରସାଦ ଅଞ୍ଚଳର ୩ ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱ ବଙ୍ଗୋପସାଗରର ଲୁଣା ପାଣି ଘେରି ରହିଛି। ଚତୁଃପାର୍ଶ୍ୱର ଜଳରାଶି ଘେରି ରହିଥିଲେ ମଧ୍ୟ ପାଣି ଅଭାବରୁ କିଛିବର୍ଷ ହେବ ଚାଷୀ ଫସଲ ହରାଉଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୧୯।୮: ଖୋର୍ଦ୍ଧାରେ ବେଆଇନ ଭାବେ ମାଙ୍କଡ଼ା ପଥର ଚୋରା ଚାଲାଣ ଦିନକୁ ଦିନ ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଥମିବା ପରିବର୍ତ୍ତେ ଏହା ବଢ଼ିବାରେ ଲାଗିଛି। ଗୁରୁବାର ବାଘମାରୀ ପୋଲିସ ଶିମୋର ଡାବା ନିକଟରେ ମାଙ୍କଡ଼ା ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୨ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଅଟ୍ରିର ସତ୍ୟରଞ୍ଜନ ବଳିୟାରସିଂହ (୨୩) ଓ ଶିମୋରର ପବିତ୍ର ସାହୁ(୪୨)। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଦୁଇଟି ମାଙ୍କଡା ବୋଝେଇ ଟ୍ରାକ୍ଟର (ଓଡି୦୨ ଏ-୦୧୧୬ ଏବଂ ଓଡି୦୨ଏଭି-୪୮୨୦) ଶିମୋର ଅଭିମୁଖେ ଯାଉଥିଲେ। ପୋଲିସ ଅଟକାଇବା ପରେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି।

### ବୃଦ୍ଧଙ୍କ ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୧୯।୮: ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଉପରସାହିର କମ୍ୟୁନିଟି ହଲ୍ ପରିସରରୁ ଗୁରୁବାର ସନ୍ଧ୍ୟାରେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ବାରିପଦାର ସୁଶାନ୍ତ ତ୍ରିପାଠୀ(୬୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

### ଚୋରି: ଯୁବକ ଗିରଫ

ଝାଁଲା,୧୯।୮(ଡି.ଏନ୍.ଏ.): ମଦନପୁର ଅଞ୍ଚଳର ଏକ ଖଲି କମ୍ପାନୀରୁ ଚୋରି ଅଭିଯୋଗରେ ଝାଁଲା ଫାଣ୍ଡି ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଝାଁଲା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ସୌଭାଗ୍ୟ ସାହୁ। ତାଙ୍କ ନିକଟରୁ ୩ଟି ଖଲି ତିଆରି ଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗତ ମେ'ରେ କରୋନା ପାଇଁ ଉକ୍ତ ଖଲି କମ୍ପାନୀରେ କାମ ବନ୍ଦ ଥିବାରୁ ଶ୍ରମିକ ଓ କମ୍ପାନୀ ମାଲିକ ପ୍ରଦୀପ ସ୍ୱାଇଁ ଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଓ ତା'ର ସହଯୋଗୀ ଏହି କମ୍ପାନୀରୁ ଚୋରି କରିଥିଲେ। ପ୍ରଦୀପଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିଲା।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବାଣପୁର,୧୯।୮(ଡି.ଏନ୍.ଏ.): ନାଚୁଣୀ ଓଭରବ୍ରିଜ୍ ଠାରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ନାଚୁଣୀ ଫାଣ୍ଡି ସୁନାଖଳା ଗ୍ରାମର ରାଜ କିଶୋର ସାହୁ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରାଜକିଶୋର ବାଇକରେ ନାଚୁଣୀ ବଜାରକୁ ଯାଉଥିବା ବେଳେ ଓଭରବ୍ରିଜ୍ ଠାରେ ଏକ ଟ୍ରକ୍ ତାଙ୍କ ଗାଡିକୁ ଓଭରଟେକ୍ କରି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା।

# ତଳସ୍ତର ଲୋକଙ୍କ ସେବା କରିବାକୁ ଆହ୍ୱାନ




ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ନୀଳଚକ୍ର'କୁ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ,୧୯।୮

### ରୋଟାରୀ କ୍ଲବ୍, ଇନରହ୍ୱିଲ କ୍ଲବ୍‌ର ଯୁଗ୍ମ ଅଧିଷ୍ଠାନ ଉତ୍ସବ

ପୁରୀ ରୋଟାରୀ କ୍ଲବ୍ ଏବଂ ଇନରହ୍ୱିଲ କ୍ଲବ୍‌ର ୫୩ତମ ଯୁଗ୍ମ ଅଧିଷ୍ଠାନ ଉତ୍ସବ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଡ. ରୋଜାଲିନ୍ ପାଇଁଶାଣୀ ମିଶ୍ର ଯୋଗଦେଇ ରୋଟାରୀ କ୍ଲବ୍‌ର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମାଜର ନିମ୍ନତମ ସ୍ତରରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ପାରିଲେ ସେବାର ବାସ୍ତବ ଲକ୍ଷ୍ୟ ହାସଲ ହେବ ବୋଲି ସେ କହିଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ବଦ୍ରି ନାରାୟଣ ପାତ୍ର ଓ ସମ୍ପାଦକ ଭାବେ କୃଷ୍ଣ ଚନ୍ଦ୍ର ପାଢୀ ୨୦୨୧-୨୨ ବର୍ଷ ନିମନ୍ତେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପୁରୀ ସହରରେ ଚକ୍ଷୁ ଚିକିତ୍ସା, ଅକ୍ସିଜେନ କିଟ୍, ସ୍ୱଚ୍ଛ ଭାରତ କ୍ଷେତ୍ରରେ ବିଶେଷ ଧ୍ୟାନ ଦେବାକୁ ସଦସ୍ୟମାନେ ସଂକଳ୍ପ ନେଇଥିଲେ। ସେହିପରି ଇନରହ୍ୱିଲ କ୍ଲବ୍ ପାଇଁ ୨୦୨୧-୨୨ ବର୍ଷ ପାଇଁ ସଭାପତି ଭାବେ ଏ. ସୁଖଜିତ ସିନ୍ଧୁ ଏବଂ ସମ୍ପାଦକ ଭାବେ ସରିତା ମିଶ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଜିଲା -୩୨୬୨ର ଗଭର୍ନର ଶାନ୍ତନୁ କୁମାର ପାଣି ଯୋଗଦାନ କରିବା ସହ ନୂତନ ୮ ସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଜୟ ଦାସଗୁପ୍ତା ସଂଯୋଜନା କରିଥିଲେ। ବିଜୟ କୁମାର ପତି, ନାରାୟଣ ଦାଶ, ଅଜୟ ଶାହା, ସନ୍ତୋଷ କୁମାର ଲେଙ୍କା, ସଂଘମିତ୍ରା ଦାଶ, ଅଳକାନନ୍ଦା ଦାଶ, ସାଇଲକ୍ଷ୍ମୀ ମିଶ୍ର ଏବଂ ଆଶୁ ଶାହା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ଜଟଣୀ,୧୯।୮(ଡି.ଏନ୍.ଏ.)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସନ୍ଧ୍ୟାରେ ଟ୍ରେନ୍ ଯୋଗେ ରାୟଗଡ଼ା ଯାତ୍ରାବେଳେ ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନ (ଜଟଣୀ)ରେ ଜଟଣୀ ନଗର ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଜଟଣୀ ସୀତାରାମ ଛକ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ଦାବିପତ୍ର ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଫ୍ଲାଏଓଭର ବ୍ରିଜ୍ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ବ୍ୟବସାୟୀଙ୍କ ଥଇଥାନ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ରେଳବାଇ ସ୍ଥାନରେ ଜାଗା ଦେବା ନିମନ୍ତେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଜଟଣୀ ଭାଜପା ପକ୍ଷରୁ ଖୋର୍ଦ୍ଧାରୋଡ ରେଳଷ୍ଟେଶନ ନାମ ପରିବର୍ତ୍ତନ କରାଯାଇ ଜଟଣୀ ନାମରେ ନାମିତ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା, ପ୍ରବୀଣା ଭଞ୍ଜଦେଓ, ତିରୁପତି ଶତପଥୀ, ନାଗଭୂଷଣ ରାୟ, ପ୍ରଶାନ୍ତ ପ୍ରଧାନ, ସୁରଜ ପାଇକରାୟ, ପ୍ରତାପ ବରାଳ, ପ୍ରଦୀପ ବଡଜେନାଙ୍କ ସମେତ ବହୁ ଭାଜପା କର୍ମୀ ଏବଂ ନେତା ଉପସ୍ଥିତ ଥିଲେ।

# ରାଖୀ ବ୍ୟବସାୟୀ-ପୌର କର୍ମଚାରୀ ମୁହାଁମୁହିଁ

ଖୋର୍ଦ୍ଧା ଅଫିସ,୧୯।୮

ଆଉ ଦୁଇ ଦିନ ପରେ ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷାବନ୍ଧନ। ଏନେଇ ଖୋର୍ଦ୍ଧା ସହରର ବିଭିନ୍ନ ଛକରେ ଖୋଲିଛି ରାଖୀର ପସରା। ସହରରେ ବିନା ଅନୁମତିରେ ବହୁ ରାଖୀ ଦୋକାନ ଖୋଲାଯାଇଛି। ଏନେଇ ଗୁରୁବାର ପୌର ପ୍ରଶାସନର ଏକ ଟିମ୍ ହାବେଳି ପଡ଼ିଆରେ ଖୋଲିଥିବା କେତେକ ରାଖୀ ଷ୍ଟଲରେ ଚଢ଼ାଉ କରିଥିଲେ। ଦୋକାନ ଖୋଲିବାକୁ ହେଲେ ଲାଇସେନ୍ସ ଫି' ଦାଖଲ କରିବାକୁ ପଡିବ। ଫି' ନ ଦେଲେ ଦୋକାନ ଖୋଲିବାକୁ ଅନୁମତି ଦିଆଯିବନି ବୋଲି କର୍ମଚାରୀମାନେ କହିଥିଲେ। ପୌର ପ୍ରଶାସନର ଜରିମାନା ଆଦାୟକୁ ନେଇ ରାଖୀ ବ୍ୟବସାୟୀ ଏବଂ ପୌର କର୍ମଚାରୀ ମୁହାଁମୁହିଁ ହୋଇଥିଲେ।

ସୂଚନା ମୁତାବକ, ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ରାଖୀ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ତେବେ ଭିଡ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ହାବେଳିପଡିଆ, ଟିଏଲସି ପଡିଆ, ଗୁରୁଜଙ୍ଗ ଓ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ବ୍ୟବସାୟୀଙ୍କୁ ଅନୁମତି ମିଳିଛି। କେବଳ ହାବେଳି ପଡିଆରେ ୧୦ଜଣ ବେପାରୀ ଷ୍ଟଲ ଖୋଲିଥିବା ବେଳେ ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନରେ ଦୋକାନ ଖୋଲିନାହାଁନ୍ତି। ରାଖୀ ଦୋକାନ ଖୋଲିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଅନୁମତି ଏବଂ ଟ୍ରେଡ ଲାଇସେନ୍ସ ନେବାକୁ ପଡ଼ିଥାଏ। ସହରରେ ପ୍ରଶାସନର ବିନା ଅନୁମତିରେ ବିଭିନ୍ନ ଛକରେ ଷ୍ଟଲ ଖୋଲିଥିବାରୁ ହାବେଳି ପଡିଆରେ ଷ୍ଟଲ ଖୋଲିଥିବା କେତେଜଣ ବେପାରୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌର ପ୍ରଶାସନର ଏକ ଟିମ ରାସ୍ତାକଡରେ ଖୋଲିଥିବା ଦୋକାନୀଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରିଛନ୍ତି। ବ୍ୟବସାୟୀ ମାନସ ବେହେରା କୁହନ୍ତି, ୧ଲକ୍ଷ ଟଙ୍କାର ରାଖୀ କିଣିଥିଲେ ମଧ୍ୟ ୪ହଜାର ଟଙ୍କା ବିକ୍ରି ହୋଇନାହିଁ। ସେହିପରି କୃପାସିନ୍ଧୁ ଦେବତା କୁହନ୍ତି, ୯୦ହଜାର ଟଙ୍କାର ରାଖୀ କିଣିଥିଲେ ମଧ୍ୟ ୩ହଜାର ଟଙ୍କା ବିକ୍ରି ନାହିଁ। ପ୍ରମୋଦ ବେହେରା କୁହନ୍ତି, ପ୍ରାୟ ୧ ଲକ୍ଷ ଟଙ୍କା ବିଭିନ୍ନ ଭେରାଇଟିର ରାଖୀ ରହିଛି, କିନ୍ତୁ ବେପାର ନାହିଁ। ଅନ୍ୟପଟେ ପୌର ପ୍ରଶାସନର କେତେଜଣ କର୍ମଚାରୀ ହାତଗୁଞ୍ଜା ନେଇ ଦୋକାନ ଖୋଲିବାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି। ଏନେଇ ପୌର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ଏହା ସମ୍ପୂର୍ଣ୍ଣ ମିଥ୍ୟା। ରାସ୍ତାକଡରେ ଦୋକାନ ଖୋଲିବାକୁ ବାରଣ କରାଯାଇଛି। ଯେଉଁମାନେ ଖୋଲିଛନ୍ତି, ସେମାନଙ୍କୁ ତାଗିଦ୍ କରାଯିବା ସହ ଜରିମାନା ଆଦାୟ କରାଯାଇଛି।

## ପୌର କାର୍ଯ୍ୟାଳୟରେ ଭିଜିଲାନ୍ସର ତଦନ୍ତ

ଜଟଣୀ,୧୯।୮(ଡି.ଏନ୍.ଏ.)

ଜଟଣୀ ପୌର କାର୍ଯ୍ୟାଳୟରେ ହୋଇଥିବା ଦୁର୍ନୀତି ଘଟଣାରେ ସୋମବାରଠାରୁ ଭିଜିଲାନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ୨୦୧୩-୧୪ ମସିହାରେ ସଫେଇ କର୍ମଚାରୀଙ୍କୁ ଦିଆଯାଇଥିବା ବେତନରେ ଅନିୟମିତତା ଖୋଳତାଡ କରୁଛି ଭିଜିଲାନ୍ସ ଟିମ୍। ଉକ୍ତ ସମୟରେ ସଫେଇ କର୍ମଚାରୀଙ୍କୁ ଦରମା ଦିଆ ନ ଯିବା, ଜଣେ କର୍ମଚାରୀଙ୍କ ନାଁରେ ଦୁଇ ଦୁଇଥର ଦରମା ପ୍ରଦାନ ଏବଂ କୌଣସି କାମ ନ କରି ଦରମା ପ୍ରଦାନ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। କଟକ ସେଣ୍ଟ୍ରାଲ ଭିଜିଲାନ୍ସ ସେଲ୍‌ର ଇନିସ୍ପେକ୍ଟର ବ୍ରଜ କିଶୋର ସାହୁ ଜଟଣୀ ପୌରପରିଷଦ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାହୁ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୈଳସେବା



@ ଜ୍ୟୋତିଶ୍ରୀ



@ ବାପୁନି



@ ଶିବୁନ



@ ଅରୁଣ



@ ସୌମ୍ୟ

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ନିମାପଡ଼ା/ବଳଙ୍ଗା, ୧୯।୮(ଡି.ଏନ୍.ଏ.)

ପୁରୀ ଜିଲାପାଳ ସମର୍ଥ ବର୍ମା ଗୁରୁବାର ନିମାପଡ଼ା ବ୍ଲକର ବଳଙ୍ଗା, ରେଞ୍ଚଶାସନ, ଭିଲଗ୍ରାମ, ତୁଳସୀପୁର, ତମ୍ପାଲୋ, ମିଟେଇପୁର ପଞ୍ଚାୟତ ଆଦି ଗସ୍ତ କରିଛନ୍ତି। ଗସ୍ତ ସମୟରେ ବଳଙ୍ଗା ଉଚ୍ଚ ବିଦ୍ୟାଳୟ, ରେଞ୍ଚ ଚିନ୍ତାମଣୀ ବିଦ୍ୟାପୀଠ, ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ଅମରେଶ୍ୱର ଉଚ୍ଚ ବିଦ୍ୟାଳୟ,ତମ୍ପାଲୋ ଦାମୋଦର ଉଚ୍ଚ ବିଦ୍ୟାଳୟ, ନିମାପଡ଼ା ଏନ୍ଏସିର ନିମାପଡ଼ା ଉଚ୍ଚ ବିଦ୍ୟାଳୟ ସମେତ ୭ଟି ୫-ଟି ଅଧୀନରେ ଆସୁଥିବା ବିଦ୍ୟାଳୟ ପରିଦର୍ଶନ କରିବା ସହ ବଳଙ୍ଗାରେ ବସଷ୍ଟାଣ୍ଡ, ଗ୍ରାମୀଣ ପାର୍କ, ମଧୁବନ ମାର୍କେଟ କମ୍ପ୍ଲେକ୍ସ, ଗ୍ରାମୀଣ ପାଠାଗାର, ରେଞ୍ଚ ଗ୍ରାମୀଣ ଉଦ୍ୟାନ, ବିଷ୍ଣୁପୁର ଗ୍ରାମୀଣ ପାର୍କ, ବନ୍ତୁଗ୍ରାମ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର, ବଡ଼ ଶ୍ରୀମୁଖ ଅଙ୍ଗନୱାଡ଼ି କେନ୍ଦ୍ର ଆଦି ବହୁ ପ୍ରକଳ୍ପ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରି ତ୍ୱରାନ୍ୱିତ ଓ କାର୍ଯ୍ୟକ୍ଷମ କରିବାକୁ ବ୍ଲକ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଏକ ସମୀକ୍ଷା ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଜ୍ୟୋତିଶଙ୍କର ମହାପାତ୍ର ଯୋଗଦେଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ୍) ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ ଦିଗରେ ବ୍ଲକର ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ଧ୍ୟାନ ଦେବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶ ମହାପାତ୍ର ପରାମର୍ଶ ଦେଇଥିଲେ। ଏହି ବୈଠକରେ ସିଡିପିଓ କୁମୁଦିନୀ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ନନ୍ଦ, ସହକାରୀ ଯନ୍ତ୍ରୀ ବିନୋଦ ପୁହାଣ, ସମୀର ବେହେରା, ଦେବାଶିଷ ପଟ୍ଟନାୟକଙ୍କ ସମେତ ପିଇଓ, ସମସ୍ତ ସରପଞ୍ଚ, ସମିତିସଭ୍ୟ, ବ୍ଲକ କର୍ମଚାରୀ ଯୋଗଦେଇଥିଲେ। ଅନ୍ୟପକ୍ଷେ ବ୍ଲକର ୩୨ ପଞ୍ଚାୟତରେ ୩୨ଟି ମିଶନ ଶକ୍ତି ଗୃହ ନିର୍ମାଣ, ୩୨ଟି ଆଦର୍ଶ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଦିଗରେ ପିଡି ମହାପାତ୍ର ବୈଠକରେ ଗୁରୁତ୍ୱାରୋପ କରିଥିଲେ।




ଜିଲାପାଳ ସମର୍ଥ ବର୍ମା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

# ନିର୍ମାଣ ହୋଇଛି ୧୧୯୨ କି.ମି. ରାସ୍ତା

ଖୋର୍ଦ୍ଧା ଅଫିସ,୧୯।୮



ଆଲୋଚନାଚକ୍ରରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟ ଅଧିକାରୀମାନେ।

### ଜିଲା ଗ୍ରାମ୍ୟ ରାସ୍ତା ସମ୍ପର୍କିତ ଆଲୋଚନାଚକ୍ର

ଭାରତ ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ଗ୍ରାମ୍ୟ ଉନ୍ନୟନ ଡିଭିଜନ, ଭୁବନେଶ୍ୱର ଆନୁକୂଲ୍ୟରେ ଜିଲା ଗ୍ରାମ୍ୟ ରାସ୍ତା ସମ୍ପର୍କିତ ଏକ ଆଲୋଚନାଚକ୍ର ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଗ୍ରାମ୍ୟ ଉନ୍ନୟନ ଡିଭିଜନ ଭୁବନେଶ୍ୱର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା କହିଥିଲେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାର୍ଯ୍ୟକାରୀ ହେବା ପର ଠାରୁ ଖୋର୍ଦ୍ଧା ଜିଲାରେ ପିଏମଜିଏସୱାଇ-୧ରେ ୧୦୭୮.୯୨କି.ମି. ଏବଂ ପିଏମଜିଏସୱାଇ-୨ରେ ୧୨୦କି.ମି. ମୋଟ ୧୧୯୨.୯୦କିମି ରାସ୍ତା ନିର୍ମାଣ କରାଯାଇ ୧୪୨୨ଟି ବସତିକୁ ସଂଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା-୩ରେ ୨୮୫.୩୩ କିମି ରାସ୍ତା ନିର୍ମାଣ ପାଇଁ ମଞ୍ଜୁରି ମିଳିଛି। ଏଥିରେ ୪୫୧ ଜନବସତିକୁ ସଂଯୋଗ କରାଯିବ। ପିଏମଜିଏସୱାଇ-୨ରେ ୫ବର୍ଷ ରକ୍ଷଣାବେକ୍ଷଣ ଏବଂ ପିଏମଜିଏସୱାଇ-୩ରେ ୧୧ବର୍ଷର ବ୍ୟବସ୍ଥା ରହିଛି। ପିଏମଜିଏସୱାଇ ସଡକ ନିର୍ମାଣରେ ଅନ୍ୟ ରାଜ୍ୟ ଅପେକ୍ଷା ଆଗରେ ରହିଛି। ୨୦୧୭-୧୮ରେ ୭୧୪୦.୭୭୩ କିମି, ୨୦୧୮-୧୯ରେ ୮୧୨୯.୮୭୯ କିମି ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୫୨୧୮.୪୩ କିମି ସଡ଼କ ନିର୍ମାଣ କରି ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ଗ୍ରାମୀଣ ମନ୍ତ୍ରଣାଳୟ ରାସ୍ତାର ଉନ୍ନତି ଏବଂ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଭାରତ ଏକ ଗ୍ରାମୀଣ ବହୁଳ ଦେଶ। ଗ୍ରାମାଞ୍ଚଳର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ସେ କହିଥିଲେ। ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ରାସ୍ତାର ଉନ୍ନତି ହେଲେ, ରାଜ୍ୟ ତଥା ଦେଶର ଉନ୍ନତି ହେବ ବୋଲି ମତପ୍ରକାଶ ପାଇଥିଲା। ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀ ଅଶୋକ ବେହେରା ସ୍ୱାଗତ ଭାଷଣ ସହ ଖୋର୍ଦ୍ଧା ଜିଲାର ଗ୍ରାମ୍ୟ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

**ମାନବାଧିକାର ସୁରକ୍ଷା ସଂଘର ଧାରଣା**

ବ୍ରହ୍ମଗିରି,(ଡି.ଏନ୍.ଏ.)- ବ୍ରହ୍ମଗିରି କପିଳେଶ୍ୱରପୁରସ୍ଥିତ ଅତିବଡ଼ୀ ପୀଠରେ ଦୁର୍ନୀତିଗ୍ରସ୍ତ ଓ ବ୍ରହ୍ମଗିରିକୁ ଐତିହ୍ୟ କରିଡର ଘୋଷଣା ଦାବି ନେଇ ଗୁରୁବାର ବ୍ରହ୍ମଗିରି ମାନବାଧିକାର ସୁରକ୍ଷା ସଂଘ ତରଫରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ସୂଚନା ଥାଉକି, ଅତିବଡ଼ୀ ପୀଠର ଉନ୍ନତୀକରଣ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ତୋରଣ ନିର୍ମାଣ, ମୂର୍ତ୍ତି ନିର୍ମାଣ, ଜମି ଅଧିଗ୍ରହଣ କରାଯିବା ଆଦି ଦାବି ନେଇ ଏହି ଧାରଣା ହୋଇଛି। ଏଥିରେ ରାଜ୍ୟ ଯୁଥସେଲ ଅଧକ୍ଷ ପ୍ରିୟ ମିଶ୍ର ଏବଂ ବ୍ରହ୍ମଗିରି ମଣ୍ଡଳର ସମସ୍ତ ସଦସ୍ୟଙ୍କ ସମେତ ମଣ୍ଡଳ ସଭାପତି ପ୍ରଦୀପ୍ତ ନାୟକ, ସମ୍ପାଦକ ସୋମ୍ୟ ସାହୁ, ଚନ୍ଦ୍ର ପଣ୍ଡା, ନିରଞ୍ଜନ ନାୟକ ସନ୍ତୋଷ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଏଥିସହିତ ସଂଘ ପକ୍ଷରୁ ଏକ ଲିଖିତପତ୍ର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳ, ବିଧାୟକଙ୍କୁ ଡାକ ମାଧମରେ ପତ୍ର ପଠାଯାଇଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୦୮।୨୦୨୧
୧,୪୫୦୬୭ ଟଙ୍କା
ରୁପା-୬୩ ଗ୍ରାମ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆୟକର ବିଭାଗ ପକ୍ଷରୁ ଦି ଫ୍ରିଡମ୍ ସାଇକ୍ଲୋଥନ କାର୍ଯ୍ୟକ୍ରମ, ଆୟକର ଭବନ, ବାଣୀ ବିହାର, ସକାଳ ୬ଟା। ଏହି ସାଇକ୍ଲୋଥନ କଟକ ଦେଇ ପୁରୀ ଯିବ ।

## ସଂକ୍ଷେପରେ

### ୬.୩୫ ଗ୍ରାମ ବ୍ରାଉନ ସୁଗାର ଜବତ, ୩ ଗିରଫ

ପୁରୀ ଅଫିସ,୧୯।୮: ବ୍ରାଉନ ସୁଗାର କାରବାର ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଛତ୍ରପୁର ଅଞ୍ଚଳର ରୂପେଶ ବେହେରା, ଆର୍.ଶ୍ରୀନିବାସ ରାଓ ଏବଂ ପୁରୀ ସମୁଦ୍ରକୂଳ ଥାନା ଅଧୀନ ଧୋବା ସାହିର କେ. ରମେଶ ରେଡ୍ଡୀ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୬.୩୫ ଗ୍ରାମର ବ୍ରାଉନ ସୁଗାର ଜବତ କରିଛି। ଏନେଇ କେସ୍ ନଂ. ୨୬୮/୨୧ ରୁଜୁ ହୋଇଛି। ସୂଚନାଯୋଗ୍ୟ, କୁମ୍ଭାରପଡ଼ା ପୋଲିସ ପକ୍ଷରୁ ରେଳଷ୍ଟେଶନ ନିକଟ ଗରୁଡ ଛକରେ ଚେକିଂ କରାଯାଉଥିବାବେଳେ ଦୁଇଜଣ ଯୁବକ ଏକ ବାଇକରେ ସେହି ବାଟ ଦେଇ ଆସୁଥିଲେ। ଏହି ସମୟରେ ପୋଲିସ ସନ୍ଦେହରେ ତାଙ୍କୁ ଓ ତାଙ୍କ ଗାଡ଼ି ଅଟକାଇ ଚେକିଂ କରିଥିଲା। ସେମାନଙ୍କଠାରୁ ଏକ ଧଳା ଓ କଳା ପଲିଥିନରେ ବ୍ରାଉନ ସୁଗାର ମିଳିଥିଲା। ଦୁହେଁ ରମେଶ ଏବଂ ସି. ଚନ୍ଦ୍ରୟା ରେଡ୍ଡୀଙ୍କଠାରୁ ଏହି ବ୍ରାଉନଗୁଗାର ଆଣିଥିବା କହିଥିଲେ। ପରେ ପୋଲିସ ରମେଶଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତ ଚନ୍ଦ୍ରୟା ଏପର୍ଯ୍ୟନ୍ତ ଗିରଫ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ବଟି ମାଗି ୩ ଗିରଫ

ପୁରୀ ଅଫିସ, ୧୯।୮: ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଧାନକୁଟି ସାହିର ଧୃରେନ୍ଦ୍ରନାଥ ବରାଳ ଓରଫ ପପୁ, ଗୁଡିଆ ସାହିର କେଶବ ପୃଷ୍ଟି ଏବଂ ଚୁଡ଼ଙ୍ଗସାହି ଅଞ୍ଚଳର ଜୟଦେବ କାଣ୍ଡି। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଲୁହାପାଇପ ଓ ଗୋଟିଏ ଛୁରୀ ଜବତ କରିଛି। ଏ ନେଇ କେସ୍ ନଂ ୨୩୭/୨୧ ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ ୩ଜଣ ଅସାମାଜିକ ବ୍ୟକ୍ତି ଲୋକନାଥ ରୋଡସ୍ଥିତ ବାରବାଟି କଲ୍ୟାଣ ମଣ୍ଡପ ଗାଡି ପାର୍କିଂ ନିକଟରେ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ଠାରୁ ବଟି ଆଦାୟ କରୁଥିଲେ। କୌଣସି ସୂତ୍ରରୁ ଟାଉନ ଥାନା ପୋଲିସ ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରି ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହି ଅଭିଯୁକ୍ତମାନଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ବିଭିନ୍ନ ମାମଲା ରହିଥିବା ଜଣାପଡ଼ିଛି।

### ଭାରତୀୟ ମଜଦୁର ସଂଘ କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୧୯।୮: କୋଣାର୍କ ଥାନା ନିକଟ ମହାବୀର ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲା ଭାରତୀୟ ମଜଦୁର ସଂଘର ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଭବାନୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଉପଦେଷ୍ଟା ରାଜକୁମାର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଗୋପ ବ୍ଲକର ନୂତନ କମିଟି ଗଠନ ହୋଇଛି। ଧନେଶ୍ୱର ବେହେରାଙ୍କୁ ସଭାପତି ଓ ସର୍ବେଶ୍ୱର ମହାରଣାଙ୍କୁ ସମ୍ପାଦକ ଭାବେ ଘୋଷଣା କରାଯାଇଛି। ଆସନ୍ତା ନଭେମ୍ବରରେ ସଂଘର ଅଧିବେଶନ ହେବ। କୋଣାର୍କର ମହାବୀର ମିସ୍ତ୍ରି ସଂଘକୁ ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ କରିବା ପାଇଁ ସ୍ଥିର ହୋଇଛି। ଏହି କାର୍ଯ୍ୟ ସମ୍ପାଦନ ପାଇଁ ଜିଲା ସମ୍ପାଦକ ଅକ୍ଷୟ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅଶୋକ କୁମାର ଦାସ, ବ୍ରଜବନ୍ଧୁ ଦାସ, କୁଳମଣି ପରିଡା, ରାଜ କୁମାର ମିଶ୍ର, ଅକ୍ଷୟ କୁମାର ଦାସ, ପ୍ରତିମା ମଞ୍ଜରୀ ଦତ୍ତ, ଭବାନୀ ମିଶ୍ର ଏବଂ ଗୋପ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# 'ଦସ୍ତାବିଜ୍ ଡିଜିଟାଲାଇଜେଶନ କରାଯିବ'

- ରେଳମନ୍ତ୍ରୀ କୌଳିକ ପଣ୍ଡାଙ୍କୁ ଚିହ୍ନିବା ପରେ ଦସ୍ତାବିଜ୍‌ରୁ ସମ୍ପର୍କୀୟଙ୍କ ନାମ ଖୋଜିଲେ
- ପରିଦର୍ଶନ ପୁସ୍ତିକାରେ ଅନୁଭୂତି ଲେଖିଲେ

ପୁରୀ ଅଫିସ,୧୯।୮

ରେଳ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ତାଙ୍କ କୌଳିକ ପଣ୍ଡା ରେକର୍ଡ ଅଫ୍ ରାଇଟ୍ସରେ ଦସ୍ତଖତ ନେଇଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ମନ୍ତ୍ରୀ ବୈଷ୍ଣବ ଦର୍ଶନ ସାରିବା ପରେ ସର୍କିଟ ହାଉସ୍‌ରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୟରେ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଶ୍ରୀମନ୍ଦିର କୌଳିକ ପଣ୍ଡା ଓମ୍ ଶଙ୍କର ପ୍ରତିହାରୀ ଦସ୍ତାବିଜ୍ ଧରି ସେଠାରେ ପହଞ୍ଚିଥିଲେ। ବୈଷ୍ଣବ ପୂର୍ବରୁ ପୁରୀ ଆସିଥିଲେ ମଧ୍ୟ ନିଜ କୌଳିକ ପଣ୍ଡାଙ୍କ ସମ୍ପର୍କରେ ସେତେଟା ଅବଗତ ନ ଥିଲେ। ପ୍ରତିହାରୀ ତାଙ୍କୁ ରାଜସ୍ଥାନ ଯୋଧପୁରରେ ଥିବା ବୈଷ୍ଣବ ସମ୍ପ୍ରଦାୟର ଅନେକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦସ୍ତାବିଜ୍ ଦେଖାଇଥିଲେ। ଏହାକୁ ଦେଖି ସେ ଅତ୍ୟନ୍ତ ଖୁସି ହେବା ସହ ନିଜ ସମ୍ପର୍କୀୟମାନଙ୍କ ନାମ ଖୋଜି ଦେଖିଥିଲେ। ପ୍ରତିହାରୀ କହିଛନ୍ତି, ପୂର୍ବରୁ ପୁରୀ ଆସିଥିବା ବୈଷ୍ଣବ ସମ୍ପ୍ରଦାୟର ଲୋକଙ୍କ ତାଲିକା ଗୋଟି ଗୋଟି କରି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦେଖାଇଥିଲେ। ଏଭଳି ତାଲିକା ଦେଖିବା ପରେ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ବର୍ଷ ବର୍ଷ ଧରି ଏଭଳି ରେକର୍ଡକୁ ଏକାଠି ରଖିବା କଷ୍ଟକର କାର୍ଯ୍ୟ ହୋଇଥିବାରୁ ଏହାକୁ ଡିଜିଟାଲ୍ ମୋଡ୍‌କୁ ଆଣିବା ପାଇଁ ନୂଆ ପଦକ୍ଷେପ ନିଆଯିବ ବୋଲି ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଥିଲେ। ଏହା ପରେ କୌଳିକ ପଣ୍ଡା ସାଙ୍ଗରେ ଆଣିଥିବା ମହାପ୍ରସାଦ ଓ ଶୁଖିଲା ଭୋଗ ମନ୍ତ୍ରୀ ଗ୍ରହଣ କରିଥିଲେ। ଆଗାମୀ ଦିନରେ ପୁରୀ ଆସିଲେ ସେ ନିଜ କୌଳିକ ପଣ୍ଡାଙ୍କୁ ଡକାଇ ଶ୍ରୀମନ୍ଦିର ଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଦସ୍ତାବିଜ୍‌ରେ ବୈଷ୍ଣବ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଲେଖାଇବା ସହ ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ଦର୍ଶନ କରିବାର ଅନୁଭୂତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ପ୍ରତିହାରୀଙ୍କ ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ବୈଷ୍ଣବ ସମ୍ପ୍ରଦାୟର ଲୋକେ ରାଜସ୍ଥାନରୁ ଶ୍ରୀମନ୍ଦିର ଆସୁଛନ୍ତି। ପ୍ରତିହାରୀଙ୍କ ପୂର୍ବପୁରୁଷମାନେ ମଧ୍ୟ କୌଳିକ ପଣ୍ଡା ଭାବେ ନୀତି ସମ୍ପାଦନ କରୁଥିଲେ। ସେ ତାଙ୍କ ଜେଜେବାପାଙ୍କଠାରୁ ଜାଣିବାକୁ ପାଇଥିଲେ ଯେ, ସେତେବେଳେ ପୁରୀ ଆସୁଥିବା ବୈଷ୍ଣବ ସମ୍ପ୍ରଦାୟର ଲୋକେ ଧନୀ ଓ ଶିକ୍ଷିତ ଥିଲେ। ଏହି ସମ୍ପ୍ରଦାୟର ଯେକୌଣସି ବ୍ୟକ୍ତି ପୁରୀ ବୁଲିବାକୁ ଆସିଲେ ପ୍ରତିହାରୀଙ୍କ ପରିବାର ସହ ଯୋଗାଯୋଗ କରି ଶ୍ରୀମନ୍ଦିର ଦର୍ଶନ ସହ ମହାପ୍ରସାଦ ସେବନ କରୁଥିଲେ।



କୌଳିକ ପଣ୍ଡାଙ୍କ ପରିଦର୍ଶନ ପୁସ୍ତିକାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାକ୍ଷର କରୁଛନ୍ତି।

# ୨ କେନ୍ଦ୍ର ମନ୍ତ୍ରୀଙ୍କୁ ପିପିଲିରେ ସମ୍ବର୍ଦ୍ଧନା

ପିପିଲି,୧୯।୮(ସ୍ୱ.ପ୍ର.)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପୁରୀ ଗସ୍ତବେଳେ ପିପିଲିରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିପିଲି ଉତ୍ତରା ଛକରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଛନ୍ତି। ସେଠାରୁ ଏକ ବାଇକ ଶୋଭାଯାତ୍ରାରେ କର୍ମୀମାନେ ପୁରୀ ଅଭିମୁଖେ ଯାଉଥିବା ବେଳେ ଗୁଡିଆପୋଖରୀ ଛକ ପରେ ପିପିଲି ଏନ୍ଏସି ଭାଜପା କାର୍ଯ୍ୟାଳୟ, ହାଟଛକ, ମଙ୍ଗଳପୁର ଛକ, ସାତଶଙ୍ଖ ଛକରେ ଅପେକ୍ଷାରତ ଦଳୀୟ କର୍ମୀମାନେ ୨କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ପୁରୀ ଯିବାବେଳେ କେନ୍ଦ୍ରମନ୍ତ୍ରୀଙ୍କ ସହ ଜାତୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ରାଜ୍ୟ ସଭାପତି ସମୀର ମହାନ୍ତି, ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ପୁରୀ ଜିଲା ସମ୍ପାଦକ ଜନ୍ମେଜୟ ଜେନା, ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର, ସୁକାନ୍ତ ଭଞ୍ଜ ଓ ପ୍ରଦୀପ ସାହୁ, ପୁରୀ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ସାମାଜିକ ବିକାଶ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ସତ୍ୟବାଦୀ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ

ସାକ୍ଷୀଗୋପାଳ, ୧୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଯିବାବେଳେ ପଞ୍ଚସଖା ସ୍ମୃତି ପାଠାଗାର ଓ ବକୁଳବନ ପରିସରରେ ସ୍ଥାନିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ୧୯୦୯ରେ ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟ ପରବର୍ତ୍ତୀ ସମୟରେ ସତ୍ୟବାଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିବର୍ତ୍ତିତ ହୋଇଛି। ଦୁଇ କେନ୍ଦ୍ରମନ୍ତ୍ରୀ ଉକ୍ତ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଦ୍ୱୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ସାଇମୋହନ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ। ଏହାପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶେଷ ନିଃଶ୍ୱାସ ତ୍ୟାଗସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର, ବକୁଳବନର ବିକାଶ ଓ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ସେବାୟତ ସଂଘ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବାକୁ ସ୍କୁଲ କର୍ତ୍ତୃପକ୍ଷ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଙ୍କ ଗହଣରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# ବ୍ୟବସ୍ଥାକୁ ସମ୍ମାନ ଦେଲେ

ପୁରୀ ଅଫିସ,୧୯।୮:

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଶ୍ରୀମନ୍ଦିର ଭିତରକୁ ନ ଯାଇ ଅରୁଣସ୍ତମ୍ଭ ପାଖରେ ଠିଆ ହୋଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ଦର୍ଶନ ଚାଲିଥିବାରୁ କେନ୍ଦ୍ରମନ୍ତ୍ରୀ ଦ୍ୱୟ ଏହି ବ୍ୟବସ୍ଥାକୁ ସମ୍ମାନ ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିନାହାନ୍ତି। ସିଂହଦ୍ୱାରଠାରେ କେନ୍ଦ୍ରମନ୍ତ୍ରୀ ଦ୍ୱୟ ପହଞ୍ଚିବା ପରେ ସେବାୟତ ନିଯୋଗମାନେ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟପକ୍ଷରେ କେବଳ ପତିତପାବନଙ୍କ ଦର୍ଶନ କରି ଫେରିଥିଲେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ହୋଇପାରିଛି ବୋଲି କହିବା ସହ ଓଡ଼ିଆଙ୍କ ଶୁଭ ମନାସିଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି।

# ପୁରୀ-କୋଣାର୍କ ରେଳପଥ ପାଇଁ ୨୫୦ କୋଟି ମଞ୍ଜୁର କରାଯାଉ

ପୁରୀ ଅଫିସ, ୧୯।୮:

ପୁରୀ-କୋଣାର୍କ ମଧ୍ୟରେ ରେଳପଥ ସଂଯୋଗ ପାଇଁ ୨୫୦ କୋଟି ଟଙ୍କା ମଞ୍ଜୁର ନିମନ୍ତେ ପୁରୀ ବିକାଶ ପରିଷଦ ଦାବି କରିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ସଭାପତି ଜଗନ୍ନାଥ ବସ୍ତିଆ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ ଓ କୋଣାର୍କ ଭାରତର ଦୁଇଟି ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ଦେଖିବାକୁ ଆସିଥାନ୍ତି। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ପୁରୀ ନିକଟ ସିପସରୁବାଲିରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପୁରୀ ଦେଶର ଆଧ୍ୟାତ୍ମିକ ରାଜଧାନୀ ଭାବେ ବିଶ୍ୱରେ ପରିଚିତ। ପୁରୀ-କୋଣାର୍କ ମଧ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ଦୁଇ ସହର ମଧ୍ୟରେ ରେଳପଥ ସଂଯୋଗ ଲାଗି କେନ୍ଦ୍ର ସରକାର ପୂର୍ବରୁ ଘୋଷଣା କରିଥିଲେ। ଏଥିଲାଗି ପୂର୍ବତଟ ରେଳପଥ ପକ୍ଷରୁ ସର୍ଭେ ସରିଛି। ଏହି ଦୁଇଟି ପର୍ଯ୍ୟଟନ ସହର ମଧ୍ୟରେ ରେଳପଥ ସଂଯୋଗ ପାଇଁ ୨୫୦ କୋଟି ଟଙ୍କା ଆବଶ୍ୟକ। ଉକ୍ତ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୫୦ ଶତକଡ଼ା ଖର୍ଚ୍ଚ ବହନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ପୁରୀ-କୋଣାର୍କ ମଧ୍ୟରେ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହେବା ସହ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ତେଣୁ ତୁରନ୍ତ ୨୫୦ କୋଟି ଟଙ୍କା ମଞ୍ଜୁର ନିମନ୍ତେ ପରିଷଦ ଦାବି କରିଛି। ଏ ନେଇ ବିଚାର କରାଯିବ ବୋଲି ରେଳ ମନ୍ତ୍ରୀ ଆଲୋଚନା ସମୟରେ ପ୍ରତିଶ୍ରୁତି ଦେଇଥିବା ପରିଷଦ ପକ୍ଷରୁ କୁହାଯାଇଛି।

## ଗସ୍ତକୁ ଯୁବ କଂଗ୍ରେସର ବିରୋଧ

ପୁରୀ ଅଫିସ, ୧୯।୮:

ପୁରୀ ଯୁବ କଂଗ୍ରେସ ପକ୍ଷରୁ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇଛି। କେନ୍ଦ୍ରମନ୍ତ୍ରୀଦ୍ୱୟ ପୁରୀରେ ପହଞ୍ଚିବା ପୂର୍ବରୁ ଖାଡ଼େଶ୍ୱରୀ ଛକରେ ଯୁବ କଂଗ୍ରେସ କର୍ମୀମାନେ ଜନ ଆଶୀର୍ବାଦ ଯାତ୍ରାର ହୋର୍ଡିଂରେ କାଳି ମାଡ଼ କରିବାକୁ ଉଦ୍ୟମ କରିଥିଲେ। ପୋଲିସ ପହଞ୍ଚି ୩୦ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଅଟକ ରଖିଥିଲା। କଂଗ୍ରେସ ନେତା ଆଲୋକ ଦାସଙ୍କ ନେତୃତ୍ୱରେ ଏହି ବିରୋଧ ହୋଇଥିବାବେଳେ ଛାତ୍ର କଂଗ୍ରେସର ଆଶୁତୋଷ ମିଶ୍ର, ମନୋଜ ମଣ୍ଡଳ ଓ ଅନିଲ ବେଜ ଉପସ୍ଥିତ ଥିଲେ। ଆଲୋକ କହିଛନ୍ତି, ପୁରୀର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ନାହିଁ। ପୁରୀ ସହରରେ କେବଳ କଂଗ୍ରେସ କର୍ମୀ ନୁହେଁ ବରଂ ଦଳମତ ସମସ୍ତେ ତାଙ୍କୁ ବିରୋଧ କରିବା ଦରକାର।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ

ପୁରୀ ଅଫିସ ୧୯।୮:

ସିଦ୍ଧମହାବୀର ରୋଡ ଓଭରବ୍ରିଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଦିଆଯାଇଛି। ମାଟିଆପଡ଼ା ସିଦ୍ଧ ମହାବୀର ରୋଡ୍ ଓଭରବ୍ରିଜ ନିର୍ମାଣ ପାଇଁ ସଂସଦରେ ପାରିତ ହୋଇ ପ୍ରସ୍ତାବିତ ୫୩.୮୦ କୋଟି ମଞ୍ଜୁରୀ ପରେ ଅତିରିକ୍ତ ୧୨୦ କୋଟି ମଞ୍ଜୁର ହୋଇସାରିଛି। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ କାର୍ଯ୍ୟ ଅଗ୍ରଗତି ହୋପାରୁନାହିଁ। ତୁରନ୍ତ ନିର୍ମାଣ କାର୍ଯ୍ୟ ସହ ବ୍ୟାବସାୟିକ ପ୍ରତିଷ୍ଠାନ ଓ ବାସିନ୍ଦାଙ୍କୁ ଉପଯୁକ୍ତ ଥଇଥାନ କରିବା ପାଇଁ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏହି ଅବସରରେ ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ରାଜେଶ ମିଶ୍ର, ଶକ୍ତି ନାୟକ, ବିଜୟ ମିଶ୍ର, ଅଶୋକ ନାୟକ, ରାଧାଶ୍ୟାମ ମହାନ୍ତି, ସ୍ମୃତିରେଖା ମିଶ୍ର, ରାମଚନ୍ଦ୍ର ମହାପାତ୍ର, ଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ମିଶନ ଫର ସେଣ୍ଟ୍ରାଲ ୟୁନିଭରସିଟି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାବିପତ୍ର ଦିଆଯାଇଛି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ଉପସ୍ଥିତିରେ ମିଶନ ଫର୍ ସେଣ୍ଟ୍ରାଲ ୟୁନିଭରସିଟି ପୁରୀର ଆବାହକ ପ୍ରଦ୍ୟୁମ୍ନ ମିଶ୍ର, ସଂଯୋଜକ ସଂଗ୍ରାମ ଦାସ, ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ ରଥ, ପୁରୀ ପୁସ୍ତକମେଳା କମିଟି ସଭାପତି ଅନାମ ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ମିଶ୍ର, କବିରାଜ ପ୍ରଧାନ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ-କୋଣାର୍କ ରେଳ ଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପୁରୀ ବିକାଶ ପରିଷଦ ଦାବି କରିଛି। ପୁରୀ ରେଳ ଷ୍ଟେଶନକୁ ଅନ୍ତର୍ଜାତୀୟ ଶୈଳୀରେ ବିକଶିତ କରିବା ସହ ଶ୍ରୀଜଗନ୍ନାଥ କଥା ଓ ସଂସ୍କୃତି ସମ୍ପର୍କିତ ଗ୍ୟାଲେରି ନିର୍ମାଣ ପାଇଁ ମଧ୍ୟ ଦାବିପତ୍ର ଦିଆଯାଇଛି। ବେଦପାଠ ମଞ୍ଚ, ଓକିଲ ମହାସଂଘ, ସଦାଶିବ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ, ଓଡ଼ିଶା ବିକାଶ ପରିଷଦ, ପୁରୀ ବିକାଶ ପରିଷଦ, କୋଣାର୍କ ସୁରକ୍ଷା ସମିତି, କୃଷ୍ଣପ୍ରସାଦ ନାଗରିକ ମଞ୍ଚ, ଅଟୋ ସଂଘ, ଟ୍ରକ୍ ମହାସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଯୁବଗୋଷ୍ଠୀ ସମାଜ ଲାଗି ଦିଗ୍‌ଦର୍ଶକ

ଗୋପ,୧୯।୮(ଡି.ଏନ୍.ଏ.)

ସମାଜ ପାଇଁ ସବୁ ସମୟରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଯୁବକଙ୍କୁ ମଧ୍ୟ ସରକାର ପ୍ରାଧାନ୍ୟ ଦେବା ସହ ବିଭିନ୍ନ କ୍ଷେତ୍ରରେ ଯୋଜନାମାନ ପ୍ରଣୟନ କରୁଛନ୍ତି ବୋଲି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ବୀରତୁଙ୍ଗ ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ଦି ସେବକର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ବୀରତୁଙ୍ଗ ସରପଞ୍ଚ ଶଶିଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଆଲୋକ କୁମାର ଜେନା ଯୋଗଦେଇ ସଂଗଠନ ବାତ୍ୟା, ବନ୍ୟା ସହିତ ସାଧାରଣ ଲୋକଙ୍କ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ସମର୍ପିତ କରୁଥିବା ବେଳେ ଆଉ କେତେକ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ କରୁଥିବା କହିଥିଲେ। କିନ୍ତୁ ଏହି ସଂଗଠନ ଲାଗି ଗୋଟିଏ ସଭାଗୃହର ଆବଶ୍ୟକତା ବୋଲି ସଭାପତି କହିଥିଲେ। ସଂଗଠନର ଶତାଧିକ ସଦସ୍ୟ ଏପରି କାର୍ଯ୍ୟ କରି ଜିଲା ଓ ରାଜ୍ୟରେ ନାଁ କମାଇବା ସହ ଯେଉଁଠି ପ୍ରଶାସନିକ ମୁଖ୍ୟମାନେ ପହଞ୍ଚିବା ପୂର୍ବରୁ ସେମାନେ ସାହାଯ୍ୟର ହାତ ବଢ଼ାଇ ପାରୁଛନ୍ତି ସେଥିଲାଗି ମନ୍ତ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। ବିଧାୟକ ପାଣ୍ଠିରୁ ଖୁବଶୀଘ୍ର ଗୋଟିଏ ସଭା ଗୃହ ନିର୍ମାଣ ଲାଗି ଅର୍ଥ ପ୍ରଦାନ କରିବି ବୋଲି ମନ୍ତ୍ରୀ କହିଥିଲେ।




ବିଶ୍ୱ ଫଟୋଗ୍ରାଫି ଦିବସରେ ଗୁରୁବାର ପୁରୀ ବେଳାଭୂମିରେ ଫଟୋଗ୍ରାଫର୍ସ କେକ୍ କାଟୁଛନ୍ତି ।



ପୁରୀ ସିଦ୍ଧମହାବୀର ନିକଟ କୁମୁଟିପାଟଣା ଅଞ୍ଚଳର ଯୁବ ଶିଳ୍ପୀ ବିଶ୍ୱଜିତ ନାୟକ ଆଇସ୍‌କ୍ରିମ୍ କାଠିରେ ଜଗନ୍ନାଥ ରାଖୀ ନିର୍ମାଣ କରିଛନ୍ତି। ଏଥିପାଇଁ ୧୦ ଘଣ୍ଟା ସମୟ ଲାଗିଥିଲା। ୪ଟି ରାଖୀ ନିର୍ମାଣରେ ସମୁଦାୟ ୭୫ ଖଣ୍ଡ ଆଇସକ୍ରିମ୍ କାଠି ବ୍ୟବହୃତ ହୋଇଛି।

# ବିଭିନ୍ନ ଦାବିରେ ଉଠାଦୋକାନୀ ମହାସଂଘର ବିକ୍ଷୋଭ

ପୁରୀ ଅଫିସ, ୧୯।୮:

ଉଠାଦୋକାନୀଙ୍କ ପଞ୍ଜୀକରଣ, କରୋନା ସହାୟତା ଏବଂ ଉଚ୍ଛେଦ ବନ୍ଦ କରି ଭେଣ୍ଡିଂ ଜୋନ ମାଧ୍ୟମରେ ସ୍ଥାୟୀ ଦୋକାନ ଆବଣ୍ଟନ ଦାବି ନେଇ ପୁରୀ ଜିଲା ଉଠାଦୋକାନୀ ମହାସଂଘ ପକ୍ଷରୁ ଗୁରୁବାର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପୌର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି।

ମହାସଂଘର ସଭାପତି ଶରତ କୁମାର ରାୟଗୁରୁ କହିଛନ୍ତି, ପୁରୀ ସହରର ଉଠାଦୋକାନୀଙ୍କ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନଙ୍କ ଦୋକାନ ହିଁ ମୁଖ୍ୟ ଆୟର ପନ୍ଥା। କିନ୍ତୁ କରୋନା ପ୍ରଥମ ଓ ଦ୍ୱିତୀୟ ଲହରରେ ପର୍ଯ୍ୟଟକଙ୍କ ଆଗମନ ବନ୍ଦ ଯୋଗୁ ଉଠାଦୋକାନୀଙ୍କ ଜୀବିକା ପ୍ରଭାବିତ ହୋଇଛି। ଉଠାଦୋକାନୀ ଭୋକ ଉପାସରେ ଦିନ କାଟୁଛନ୍ତି। ମ୍ୟୁନିସିପାଲିଟି ଟିକସ ଆଦାୟ କରୁଛି, କିନ୍ତୁ ସେମାନଙ୍କୁ ଚିହ୍ନଟ କରି ପଞ୍ଜୀକୃତ କରୁନାହିଁ। ଫଳରେ ସରକାରଙ୍କ ଘୋଷିତ କରୋନା ସହାୟତା ଉଠାଦୋକାନୀ ପାଇଲେ ନାହିଁ। ଜୀବନ ଜୀବିକା ସଙ୍କଟରେ ଥିବାବେଳେ ମ୍ୟୁନିସିପାଲିଟି ଦୋକାନ ଉଚ୍ଛେଦ ପାଇଁ ଯେଉଁ ପ୍ରଚାର କରୁଛି ତାହା ନିନ୍ଦନୀୟ। ଦୋକାନ ଉଜୁଡ଼ିଗଲେ ଉଠାଦୋକାନୀଙ୍କ ପକ୍ଷେ ବଞ୍ଚିବା କଷ୍ଟକର ହୋଇପଡ଼ିବ। ତେଣୁ ସରକାର ରାସ୍ତାକଡ଼ରେ ଭେଣ୍ଡିଂ ଜୋନ କରି ଥଇଥାନ କରନ୍ତୁ। ସମସ୍ତ ଉଠାଦୋକାନୀଙ୍କୁ ପଞ୍ଜୀକୃତ କରାଯାଉ। ସମସ୍ତଙ୍କୁ ୩ହଜାର ଟଙ୍କା କରୋନା ସହାୟତା ରାଶି ସହ ୨୦ହଜାର ଟଙ୍କା ବ୍ୟାଙ୍କ ଋଣ ଦିଆଯାଉ। ଭେଣ୍ଡିଂ ଜୋନ କରି ସ୍ଥାୟୀ ଦୋକାନ ଆବଣ୍ଟନ ସହ ବେଆଇନ ଭାବେ ଉଚ୍ଛେଦ ବନ୍ଦ କରାଯାଉ ବୋଲି ରାୟଗୁରୁ ଦାବି କରିଛନ୍ତି। ବିକ୍ଷୋଭରେ ମହାସଂଘ ସମ୍ପାଦକ ରାମକୃଷ୍ଣ ମୁଦ୍ରା, ମନୋରଞ୍ଜନ ମହାରଣା, କାମଦେବ ଆପଟ, ପ୍ରଦୀପ ତ୍ରିପାଠୀ, କାଳିଆ ବାରିକ, ବିମଳ ପଣ୍ଡା, ଗଙ୍ଗାଧର ଖୁଣ୍ଟିଆ, ଦୀପକ ଦେବନାଥ ଓ ଗୋପାଳ ରାଏ ପ୍ରମୁଖ ଉପସ୍ଥିତ ଥିଲେ।




ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଉଠା ଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।